## ସଂକ୍ଷେପରେ

### ମେରୁପ୍ରଭା ଯାତ୍ରା ସମ୍ପନ୍ନ

**ଜମନକିରା, ୧୫।୪(ଡି.ଏନ.ଏ.):** ଚୈତ୍ର ମାସରେ ବ୍ରତ ଧାରୀମାନେ ବିଭିନ୍ନ ଗ୍ରାମ ଓ ସହର ବୁଲି ଦଣ୍ଡ ବ୍ରତ ପାଳନ କରିଥାନ୍ତି। ଜମନକିରା ବ୍ଲକ କେନାଢିପା ପଞ୍ଚାୟତ ବେଲୁଆମାଲ ଗ୍ରାମର ଦଣ୍ଡୁଆମାନେ ଗତ ୨୯ ତାରିଖଠାରୁ ଦଣ୍ଡ ବ୍ରତ ପାଇଁ ଗ୍ରାମରୁ ବାହାରିଥିଲେ। ଚଳିତ ମାସ ୧୩ତାରିଖ ପର୍ଯ୍ୟନ୍ତ ସେମାନେ ବିଭିନ୍ନ ସ୍ଥାନ ବୁଲି ଗ୍ରାମକୁ ଫେରିବା ପରେ ୧୫ ତାରିଖରେ ମେରୁପ୍ରଭା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଆପ୍‌ର ଜନସମ୍ପର୍କ ଅଭିଯାନ

**ରାଉରକେଲା ଅଫିସ,୧୫।୪** ରାଉରକେଲାରେ ଆମ୍ ଆଦମୀ ପାର୍ଟି(ଆପ୍) ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଜିଲା ଆବାହକ ବିନୟ ତିୱାରୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଯୋଗଦେଇ ପାନପୋଷ ଅଞ୍ଚଳରେ ପଦଯାତ୍ରା କରିଥିଲେ। ରାଉରକେଲା ସହରରେ ବସବାସ କରୁଥିବା ବସ୍ତିବାସୀଙ୍କୁ ଜମିପଟ୍ଟା ଓ ୨ଶହ ୟୁନିଟ ମାଗଣା ବିଜୁଳି ପ୍ରଦାନ ଦାବି କରି ଦଳ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ଆମ୍ ଆଦମୀ ପାର୍ଟି ସହରର ବିଭିନ୍ନ ବସ୍ତିରେ ଜନସମ୍ପର୍କ ପଦଯାତ୍ରା କରିବ ବୋଲି ଜିଲା ଆବାହକ ତିୱାରୀ ସୂଚନା ଦେଇଛନ୍ତି।

### ପ୍ରଗତିଶୀଳ ଶ୍ରମିକ ମଞ୍ଚ ସମାବେଶ ଆଜି

**ଝାରସୁଗୁଡ଼ା ଅଫିସ,୧୫।୪:** ପ୍ରଗତିଶୀଳ ଶ୍ରମିକ ମଞ୍ଚ ତରଫରୁ ସ୍ଥାନୀୟ ଶିକ୍ଷାଞ୍ଚଳଠାରେ ଶନିବାରଠାରୁ ୨ଦିନିଆ ସାଙ୍ଗଠନିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଜିଲାର ୫ ବ୍ଲକ୍‌ର ୩୫୦ ଗ୍ରାମ ଓ ପଡାରୁ ୨ହଜାର ଶ୍ରମିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ଓ ନିଯୁକ୍ତି ଆଦି ପ୍ରସଙ୍ଗ ନେଇ ଆଲୋଚନା ହେବ। ଏହାସହ ୨ଶହ ୟୁନିଟ୍ ମାଗଣା ବିଜୁଳି ଯୋଗାଇବା, ନୂତନ ଶ୍ରମକାର୍ଡ ବାତିଲ କରିବା, ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାପାଇଁ ଦାବି କରାଯିବ। କାର୍ଯ୍ୟକ୍ରମରେ ଜାତୀୟ ସ୍ତରୀୟ ବାମପନ୍ଥୀ ଶ୍ରମିକ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମଞ୍ଚ ସାଧାରଣ ସମ୍ପାଦକ ରକ୍ଷାକର ଅନୁପମଙ୍କଠାରୁ ଜଣାପଡିଛି।

# ପୋତିହୋଇଥିବା ନଳକୂପ କାମରେ ଲାଗିଲା

**ବେଲପାହାଡ଼ ପୌର ପରିଷଦ**

- ପୌରାଧ୍ୟକ୍ଷଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ୱାର୍ଡବାସୀ

**ଝାରସୁଗୁଡ଼ା ଅଫିସ,୧୫।୪:**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ପୋତିହୋଇଥିବା ଏକ ଗଭୀର ନଳକୂପ ଏବେ ଲୋକଙ୍କ କାମରେ ଲାଗିଛି। ନବନିର୍ବାଚିତ ପୌରାଧକ୍ଷଙ୍କ ଉଦ୍ୟମରେ ହୋଇଥିବା ଏଭଳି କାର୍ଯ୍ୟକୁ ୱାର୍ଡବାସୀ ପ୍ରଶଂସା କରିଛନ୍ତି।

ବେଲପାହାଡ଼ ପୌର ପରିଷଦ ନିର୍ବାଚନ ବେଳେ ନବନିର୍ବାଚିତ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା ପୌରାଞ୍ଚଳର ବିକାଶ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାପାଇଁ ଆଗେଇ ଆସିଛନ୍ତି। ପାନୀୟଜଳ ଓ ଡ୍ରେନେଜ୍ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଯେମିତି ଲୋକେ ଏହାର ସୁବିଧା ପାଇପାରିବେ ଏ ଦିଗରେ ପ୍ରୟାସ ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଗତ ୧୧ତାରିଖରେ ସେ କେତେଜଣ କାଉନ୍‌ସିଲରଙ୍କୁ ସାଙ୍ଗରେ ନେଇ ଜିଲାପାଳ ସରୋଜ କୁମାର ସାମଲଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରୀଷ୍ମଋତୁରେ ଯେମିତି ଲୋକେ ସୁବିଧାରେ ପାନୀୟଜଳ ପାଇପାରିବେ ଓ ବର୍ଷାଋତୁ ପୂର୍ବରୁ ଡ୍ରେନ୍ ସଫେଇ କାର୍ଯ୍ୟ ହୋଇପାରିବ ଏସମ୍ପର୍କରେ ସେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।


ଗଭୀର ନଳକୂପ ପୁନଃ ଉଦ୍ଧାରବେଳେ ପୌରାଧ୍ୟକ୍ଷ ତଦାରଖ କରୁଛନ୍ତି।

ପୌର ପରିଷଦର ୫ନଂ ୱାର୍ଡ ରେଲୱେ ଷ୍ଟେଶନ ସମ୍ମୁଖ ଅଞ୍ଚଳରେ ପାନୀୟଜଳ ସମସ୍ୟା ନେଇ ଲୋକେ ପୌରାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୌରାଧ୍ୟକ୍ଷ ପଣ୍ଡା ଉକ୍ତ ୱାର୍ଡ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଜଣାପଡିଥିଲା ଷ୍ଟେଶନ ସମ୍ମୁଖ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ଗଭୀର ନଳକୂପ ରହିଥିଲା। ଏଥିରୁ ବାହାରୁଥିବା ପାଣିକୁ ଲୋକେ ବ୍ୟବହାର କରୁଥିଲେ। କିଛିବର୍ଷ ତଳେ ରାସ୍ତା ସମ୍ପ୍ରସାରଣ ସମୟରେ ଗଭୀର ନଳକୂପକୁ ମାଟିରେ ପୋତିଦେଇ ତା' ଉପରେ ରାସ୍ତା ନିର୍ମାଣ କରିଦିଆଗଲା। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ସେହିଦିନରୁ ସ୍ଥାନୀୟ ଲୋକେ ପାଣି ପାଇବାରୁ ବଞ୍ଚିତ ରହିଥିଲେ। ଏ ନେଇ ୱାର୍ଡବାସୀ ଜଣାଇବା ପରେ ପୌରାଧ୍ୟକ୍ଷ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ଜରିଆରେ ମାଟିତଳେ ପୋତିହୋଇ ରହିଥିବା ଗଭୀର ନଳକୂପ ଉଦ୍ଧାର କରି ପୁନଃ କାର୍ଯ୍ୟକ୍ଷମ କରିଛନ୍ତି। ପୌରାଧ୍ୟକ୍ଷ ପଣ୍ଡା କହିଛନ୍ତି, ସରକାରୀ ଅର୍ଥ ବ୍ୟୟ କରାଯାଇ ଲୋକଙ୍କ ଉଦ୍ଦେଶ୍ୟରେ ଏଠାରେ ଗଭୀର ନଳକୂପ ଖନନ କରାଯାଇଥିଲା। ଏହାକୁ ମାଟିତଳେ ପୋତିଦେବା ପଛରେ କି ଉଦ୍ଦେଶ୍ୟ ରହିଛି ସେ ନେଇ ତଦନ୍ତ କରାଯିବ। ଏହାଛଡା ବିଗତ ଦିନରେ ପୌର ପରିଷଦରେ ଏଭଳି ଅନେକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଜଣାପଡିଛି। ଏହାର ମଧ୍ୟ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ସ୍ତ୍ରୀକୁ ପୋଡ଼ି ମାରିବା ଉଦ୍ୟମ ବିଫଳ: ସ୍ୱାମୀ ଗିରଫ

**ରାଉରକେଲା ଅଫିସ,୧୫।୪**

ରାଉରକେଲା ସେକ୍ଟର-୩ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ନିଆଁରେ ପୋଡି ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗିରଫ ଅଭିଯୁକ୍ତ କିଷାନ ଯାଦବ(୩୨)। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ସେକ୍ଟର-୨ ଡି ବ୍ଲକ ବସ୍ତିରେ ଗାୟତ୍ରୀ ଯାଦବ ତାଙ୍କ ସ୍ୱାମୀ କିଷାନଙ୍କ ସହ ବାସ କରନ୍ତି। ଗୁରୁବାର ଅପରାହ୍ନ ସାଢ଼େ ୨ଟା ସମୟରେ କିଷାନ ମଦ୍ୟପାନ କରି ଗାୟତ୍ରୀଙ୍କୁ କିଛି ଟଙ୍କା ମାଗିଥିଲେ। ଗାୟତ୍ରୀ ଟଙ୍କା ନ ଦେବାରୁ କିଷାନ ରାଗିଯାଇ ଘରେ ବିଛଣା ଉପରେ କିରୋସିନ ଢାଳି ନିଆଁ ଲଗାଇ ବାହାର ପଟୁ କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ। ଏହା ଦେଖି ଉକ୍ତ ମହିଳାଙ୍କ ଶାଶୁ ଉଷା ଯାଦବ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ମହିଳାଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ.୪୯।୨୨) ରୁଜୁ କରି ଫେରାର ଥିବା ସ୍ୱାମୀ କିଷାନଙ୍କୁ ଶୁକ୍ରବାର ଗିରଫ କରିଥିଲା।

# ଗୋହତ୍ୟା ଅଭିଯୋଗରେ ୨ ଗିରଫ

**ଝାରସୁଗୁଡ଼ା ଅଫିସ,୧୫।୪**


ଗିରଫ ୨ ଅଭିଯୁକ୍ତ।

ଗୋ ହତ୍ୟା ଅଭିଯୋଗରେ ବନହରପାଲି ଥାନା ପୋଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ପାବାହାଲ ଗ୍ରାମର ରମେଶ ରୋହିଦାସ(୨୩) ଓ ଚାରପାଲି ବରପାଲି ଗ୍ରାମ ନୂଆଗଡର ପଞ୍ଚୁ ରୋହିଦାସ(୫୮)। ଏମାନଙ୍କ ନିକଟରୁ ପୋଲିସ୍ ଏକ ବଳଦର ମୃତଦେହ ଓ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ମୃତ ବଳଦ ମାଲିକ ନୂଆଗଡର ସୁରଥ ରୋହିଦାସଙ୍କ ଅଭିଯୋଗକୁନେଇ ପୋଲିସ୍ ବନହରପାଲି ଥାନା କେସ୍ ନଂ୭୪/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଗୁରୁବାର ରାତି ୨ଟାରେ ଅଭିଯୁକ୍ତ ଦ୍ୱୟ ବଳଦ କାଟୁଥିବା ଦେଖି ପଡାବାସୀ ସେମାନଙ୍କୁ ଧରି ପୋଲିସ୍ ଜିମା ଦେଇଥିଲେ।

# ପରୀକ୍ଷା ପରିଚାଳନା କରିବ ଭିମ୍‌ସାର

**ବହୁଦିନର ଦାବି ପୂରଣ ହେଲା**

**ସମ୍ବଲପୁର,୧୫।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଭିମ୍‌ସାର) ଚଳିତ ଶିକ୍ଷାବର୍ଷରୁ ନିଜେ ପରୀକ୍ଷା ପରିଚାଳନା କରିବ। ଏ ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି।୨୦୧୪ ମସିହାରୁ ଏହା ସ୍ୱୟଂଶାସିତ ଘୋଷଣା ହୋଇଥିଲା। କର୍ତ୍ତୃପକ୍ଷ, ପିଜି ଓ ଏମ୍‌ବିବିଏସ୍ ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଭିମ୍‌ସାର ପରୀକ୍ଷା ପରିଚାଳନା କରୁ ବୋଲି ଦାବି କରିଆସୁଥିଲେ। ଏହା ପୂରଣ ହୋଇଥିବାରୁ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ବେଶ୍ ଉତ୍ସାହିତ ଅଛନ୍ତି। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ପରୀକ୍ଷା ପରିଚାଳନା ନେଇ ଦାବି ହୋଇଆସୁଥିଲା। ଏସ୍‌ୟୁ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଆଗାମୀ ଶିକ୍ଷାବର୍ଷରୁ ପରିଚାଳନା ହେବ। ପରୀକ୍ଷା ନିୟନ୍ତ୍ରଣରେ ଡାକ୍ତରଙ୍କୁ ନିଯୁକ୍ତି କରାଯିବ। ସେମାନେ ଅଭିଜ୍ଞ ନ ଥିବାରୁ ସାମାନ୍ୟ ସମସ୍ୟା ହୋଇପାରେ। ହେଲେ ସମସ୍ତଙ୍କ ସହଯୋଗରେ ପରୀକ୍ଷା କରାଯାଇ ପାରିବ ବୋଲି କହିଥିଲେ। ୟୁଜି ଛାତ୍ରଙ୍କ କହିବା କଥା ପୂର୍ବରୁ ପରୀକ୍ଷା ହେବାରେ ସମସ୍ୟା ହେଉଥିଲା। ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ ହେଉଥିଲା। ତେଣୁ ଶିକ୍ଷାବର୍ଷ ଶେଷ ହେବାରେ ମଧ୍ୟ ବିଳମ୍ବ ହୋଇଯାଉଥିଲା। ପରୀକ୍ଷା କାମ ପାଇଁ ଭିମ୍‌ସାର ଅଧିକାରୀ ଓ କର୍ମଚାରୀଙ୍କୁ ବାରମ୍ବାର ଏସ୍‌ୟୁ ଯିବାଆସିବା କରିବାକୁ ପଡୁଥିଲା। ଏବେ ଭିମ୍‌ସାର ଠିକ୍ ସମୟରେ ନିଜେ ପରୀକ୍ଷା କରିବ ଓ ପରୀକ୍ଷାଫଳ ପ୍ରକାଶ ପାଇବ। ଏଥିରେ ଛାତ୍ରୀଛାତ୍ରଙ୍କୁ ଲାଭ ମିଳିପାରିବ। ସୂଚନାଯୋଗ୍ୟ ଭିମ୍‌ସାରରେ ୧ ହଜାର ଏମ୍‌ବିବିଏସ୍ ଓ ୩୦୦ ପିଜି ସିଟ୍ ରହିଛି। ନିଜେ ପରିଚାଳନା କଲେ ୧୩ଶହ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ।



ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର ।

# ଗଛରୁ ଝୁଲନ୍ତା ମୃତଦେହ ଜବତ

**ନାକଟିଦେଉଳ,୧୫।୪(ଡି.ଏନ.ଏ.)**

ନାକଟିଦେଉଳ ଥାନା ଅନ୍ତର୍ଗତ ସରାପଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଜବତ ହୋଇଛି। ସେ ହେଲେ ସରାପାଲି ଗ୍ରାମର ଭକ୍ତ ସାହୁ (୫୫)। ସରାପାଲି-ଜୁରାପାଲି ରାସ୍ତାର କେନାଲ ପାର୍ଶ୍ୱରେ ଥିବା ଏକ ନିମ୍ବ ଗଛରେ ଭକ୍ତ ମୃତ ଅବସ୍ଥାରେ ଝୁଲୁଥିବା ଦେଖି ଗ୍ରାମବାସୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଛି। ପୋଲିସ ଅପମୃତ୍ୟୁ ମାମଲା (ନଂ.୨/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଭକ୍ତ ଗୋଧିଡିପ ଛକଠାରେ ଏକ ସାଇକେଲ ମରାମତି ଦୋକାନ କରି ଜିବୀକା ନିର୍ବାହ କରୁଥିଲେ। ତେବେ କୌଣସି କାରଣରୁ ଗତ କିଛିଦିନ ହେଲା ସେ ବିବ୍ରତ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି।

# ସାମ୍ବାଦିକ ସୁରକ୍ଷା ଆଇନ ଦାବି

**ପଡିଆବାହାଲ,୧୫।୪(ଡି.ଏନ.ଏ.):**

ସମ୍ବଲପୁର ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଜମନକିରା ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନନ୍ଦ ଓ କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ରାଜ୍ୟ ତଥା ଦେଶରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦାକରି ରାଜ୍ୟରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ପେନ୍‌ସନ୍ ଲାଗୁ ପାଇଁ ଦାବି ହୋଇଥିଲା। ସମ୍ପାଦକ କନ୍ଦର୍ପ ବେହେରା ବିବରଣୀ ପାଠ କରିଥିବାବେଳେ ଉପସଭାପତି ଜୟନ୍ତ ଖଡିରତ୍ନ, ହେମନ୍ତ ରାଉତ, ସମ୍ପାଦକ ପ୍ରଦୀପ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ଜିଲା ସଙ୍ଗଠନ ସମ୍ପାଦକ ରଜେନ୍ଦ୍ର ନାଏକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚିକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାମରା ବ୍ଲକ ସଭାପତି ସତିଶ ମିଶ୍ର, କୁଚିଣ୍ଡା ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ଶର୍ମା, ରେଢାଖୋଲ ବ୍ଲକ ସଭାପତି ରମାକାନ୍ତ ମହାନନ୍ଦ, ନାକଟିଦେଉଳ ବ୍ଲକ ସଭାପତି ଶରତ ପଧାନ, ରେଙ୍ଗାଲି ବ୍ଲକ ସଭାପତିଦିନେଶ ମାହାଣା ଉପସ୍ଥିତ ଥିଲେ।

# ଓପେସା ପକ୍ଷରୁ ଡିପ୍ଲୋମା ବୈଷୟିକ ଶିକ୍ଷା ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧିମାନେ

**ସମ୍ବଲପୁର,୧୫।୪(ବ୍ୟୁରୋ)**

ଓଡ଼ିଶା ପ୍ରାଇଭେଟ ଇଞ୍ଜିନିୟରିଂ ଆସୋସିଏଶନ (ଓପେସା) ପକ୍ଷରୁ ଶୁକ୍ରବାର ଡିପ୍ଲୋମା ବୈଷୟିକ ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଦେବେଇବାଲିସ୍ଥିତ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ସଭାକକ୍ଷରେ ହୋଇଥିବା କର୍ମଶାଳାକୁ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଇଟ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା, ହୀରାକୁଦ ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ସ୍ମେଟର ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲ୍ଲିକ, ଓପେସା ସାଧାରଣ ସମ୍ପାଦକ ଇଞ୍ଜିନିୟର ସରୋଜ କୁମାର ସାହୁ, ଉପସଭାପତି ଇଞ୍ଜିନିୟର ବିଭୂତି ଭୂଷଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରିଂ ଶିକ୍ଷା ପାଇଁ ସମସ୍ୟା ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଥିବା ୧୨୧ଟି ଘରୋଇ ଡିପ୍ଲୋମା ବୈଷୟିକ ଶିକ୍ଷାନୁଷ୍ଠାନରେ ବିଗତ ଦିନରେ ଅଟୋମେଶନ ଏବଂ ରୋବଟ ପ୍ରୟୋଗ ଦ୍ୱାରା ଶିଳ୍ପ ସଂସ୍ଥାନଗୁଡିକରେ ପରିବର୍ତ୍ତିତ ପରିସ୍ଥିତିରେ ଯେଉଁ ସ୍କିଲ ଆବଶ୍ୟକ କରୁଛି, ତାକୁ ଡିପ୍ଲୋମା ପାଠ୍ୟକ୍ରମରେ ପରିବର୍ତ୍ତନ ଓ ଟ୍ରେନିଂର ଆବଶ୍ୟକତା ବିଷୟରେ ବକ୍ତାମାନେ ମତ ରଖିଥିଲେ। ସାମ୍ପ୍ରତିକ ପରିସ୍ଥିତରେ ବୈଷୟିକ ଶିକ୍ଷାଭିତ୍ତିକ ଦକ୍ଷତା ପ୍ରତିପାଦନ କରିବା, ଶିଳ୍ପ ବୃଦ୍ଧି କ୍ଷେତ୍ରରେ ଯେଉଁ ମାନବ ସମ୍ବଳ ଭିତ୍ତିକ ନିୟମ ଲାଗୁ କରିବା ଦରକାର ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସୁଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନିକାଲ ଏଜୁକେସନ ପ୍ରତିଷ୍ଠାତା ସଭ୍ୟ ଇଂ. ଶ୍ରୀକର ମିଶ୍ର, ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି ପ୍ରତିଷ୍ଠାତା ସଭ୍ୟ ଜୟପ୍ରକାଶ ଅଗ୍ରୱାଲଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ମାନିତ କରାଯାଇଥିଲା। ଶେଷରେ ପିକେଏ ଗ୍ରୁପ ଇନ୍‌ଷ୍ଟିଚ୍ୟୁଶନର ସମ୍ପାଦକ ଡ. ତରୁଣ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ସୁଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନିକାଲ ଏଜୁକେସନ, ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ପିକେଏ ଗ୍ରୁପ ଇନ୍‌ଷ୍ଟିଚ୍ୟୁଶନ, ବ୍ଲାକ ଡାଇମଣ୍ଡ ସ୍କୁଲ ଅଫ ଇଞ୍ଜିନିୟରିଂ, ମହାମାୟା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, କଳାହାଣ୍ଡି ସ୍କୁଲ ଅଫ ଇଞ୍ଜିନିୟରିଂ, ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ସୁନ୍ଦରଗଡ ଇଞ୍ଜିନିୟରିଂ ସ୍କୁଲ, ରାଉରକେଲା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ବିକାଶ ପଲିଟେକ୍‌ନିକ ପ୍ରଭୃତି ଅନୁଷ୍ଠାନର ଅଧ୍ୟକ୍ଷ ଓ ନିଯୁକ୍ତିଦାତା ଅଧିକାରୀମାନେ ଯୋଗଦେଇଥିଲେ।

# ନଦୀରେ ବୁଡ଼ି ନାବାଳକ ମୃତ

**ବରଗଡ଼ ଅଫିସ୍,୧୫।୪:**

ବରଗଡ଼ ସହର ଉପକଣ୍ଠରେ ବହିଯାଇଥିବା ଜିରା ନଦୀରେ ଗାଧୋଇବା ବେଳେ ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରରେ ରହୁଥିବା ଗଙ୍ଗାଧର ପଲେଇଙ୍କ ପୁଅ ନରେନ୍ଦ୍ର(୧୪)। ସେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ନବମ ଶ୍ରେଣୀରେ ପଢୁଥିଲେ। ଗାଧୋଇବାକୁ ଯାଇଥିବାବେଳେ ସେ ନଦୀରେ ବୁଡ଼ି ଯାଇଥିଲେ। ସେଠାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସାକ୍ଷୀପଡା କ୍ୟାଥ୍‌ଲିକ ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ

**ସମ୍ବଲପୁର,୧୫।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାକ୍ଷୀପଡା କ୍ୟାଥ୍‌ଲିକ ଚର୍ଚ୍ଚଠାରେ ଗୁଡ୍ ଫ୍ରାଇଡେ ପାଳିତ ହୋଇଯାଇଛି । ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ବିଶପ ନିରଞ୍ଜନ, ଫାଦର ଅଗଷ୍ଟିନ, ଫାଦର ଆଲେକ୍ସ, ଫାଦର ଫିଲିପଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିରେ ମହାନଗର ନିଗମ ଅଞ୍ଚଳରୁ ପ୍ରାୟ ୨ହଜାର ଭକ୍ତ ସାମିଲ ହୋଇଥିଲେ।


ଗୁଡ୍ ଫ୍ରାଇଡେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

# ଆଜି ସାରହୂଲ ପୂଜା ମହୋତ୍ସବ

**ରାଉରକେଲା ଅଫିସ,୧୫।୪**

ରାଉରକେଲା ଉଦିତନଗର ସ୍ଥିତ ସାରନା ପୂଜାସ୍ଥଳରେ ଶନିବାର ଆଦିବାସୀମାନଙ୍କର ମହାନ ସାରହୂଲ ପର୍ବ ଅନୁଷ୍ଠିତ ହୋଇଛି। ସହର ତଥା ଆଖାପାଖ ଅଞ୍ଚଳରେ ଥିବା ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ପର୍ବରେ ଯୋଗଦେଇ ସାମୁହିକ ପ୍ରାର୍ଥନା କରିବେ। ଏହି ମହୋତ୍ସବକୁ ରାଜୀ ପାଡହା ସାରନା ପ୍ରାର୍ଥନା ସଭା ସାରନା ସମିତି ରାଉରକେଲା ପକ୍ଷରୁ ଆୟୋଜନ କରାଯିବ ବୋଲି କୁହାଯାଇଛି। ପରେ ନୌରା ଫୁଲ ବଣ୍ଟନ ଓ ପାହାନ୍ ମାନଙ୍କ ଦ୍ୱାରା ଆଶୀର୍ବଚନ କାର୍ଯ୍ୟକ୍ରମ ରହିଛି।

# ଉଠିଯାଉଛି ପିଚୁ, ଭିଜିଲାନ୍ସ ତଦନ୍ତ ଦାବି

**ମାଧପୁର-ତ୍ରିବଣପୁର ପୂର୍ତ୍ତ ରାସ୍ତା**

- ଅଭିଯୋଗକାରୀଙ୍କ ନାମରେ ମାମଲା
- ନିୟମ ଭାଙ୍ଗୁଛନ୍ତି ଗ୍ରାମବାସୀ: ଏସ୍‌ଡିଓ

**ସମ୍ବଲପୁର,୧୫।୪ (ବ୍ୟୁରୋ)**

ଗମନାଗମନ ସୁବିଧା ପାଇଁ ସରକାର ବିଭିନ୍ନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଅନେକ ପ୍ରକଳ୍ପରେ ଅନିୟମିତତା ଯୋଗୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗୋଟିଏ ପଟେ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ଅନ୍ୟପଟେ ରାସ୍ତାରୁ ପିଚୁ ଉଠିଯାଉଛି। ଏଭଳି ଘଟଣା ରେଢାଖୋଲ ବ୍ଲକ ମାଧପୁର-ତ୍ରିବଣପୁର ରାସ୍ତା ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହାକୁ ନେଇ ମହିଳା ପୁରୁଷ ପିଲାମାନଙ୍କ ସହ ରାସ୍ତା ଉପରକୁ ଆସି କାମର ମାନ ଯାଞ୍ଚ ଦାବି କରିଛନ୍ତି। ସେମାନଙ୍କ କହିବା କଥା ବାରମ୍ବାର ବିଭାଗରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତେଣୁ ସେମାନେ ନିର୍ମାଣାଧୀନ ପିଚୁ ରାସ୍ତାକୁ ଖୋଳି ଏହାର ଭିଡିଓ ଭାଇରାଲ କରିଛନ୍ତି। ସାମାଜିକ ଗଣମାଧ୍ୟମ ଦ୍ୱାରା ଏହା ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ସଚିବଙ୍କ ପାଖରେ ପହଞ୍ଚିବ ବୋଲି ସେମାନେ ଆଶା କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ରାସ୍ତା ।

ଏହି ରାସ୍ତା ଉପରେ ପ୍ରାୟ ୨୦ ଗ୍ରାମର ଗ୍ରାମବାସୀ ନିର୍ଭର କରନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ବୀରବର ବେହେରା କହିଛନ୍ତି, କାମକୁ ନେଇ ଅଭିଯୋଗ କରିବା ଠିକ୍ କଥା। ହେଲେ ଗ୍ରାମବାସୀ ତଦନ୍ତ ପୂର୍ବରୁ ଆଇନକୁ ହାତକୁ ନେଇ ଅଭିଯୋଗ କରୁଛନ୍ତି। ନିର୍ମାଣ ରାସ୍ତା ଖୋଳିଦେବା ଆପରାଧିକ ଘଟଣା। ତେଣୁ ୫ ଜଣଙ୍କ ନାମରେ ରେଢାଖୋଲ ଥାନାରେ ଅଭିଯୋଗ କରାଯାଇଛି। କାମର ମାନକୁ ନେଇ ତଦନ୍ତ କରାଯିବ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତା ପିଚୁ କରିବା ପରେ ସଙ୍ଗେ ସଙ୍ଗେ ଜାମ୍ ହୋଇ ନ ଥାଏ। ସେଥିପାଇଁ ସମୟ ଲାଗିଥାଏ। ହେଲେ ଗ୍ରାମବାସୀ ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ରାସ୍ତାରୁ ପିଚୁ ଉଠାଇ ଦେଇଛନ୍ତି ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ଏପ୍ରିଲ, ୨୦୨୨

## ପାଟଣାଗଡ଼ ବ୍ଲକ ଛକ ପର୍ଶୁରାମ ଛକ ନାମରେ ନାମିତ

ପାଟଣାଗଡ,(ଡି.ଏନ.ଏ.): ହନୁମାନ ଜୟନ୍ତୀ ତଥା ବିଷୁବ ସଂକ୍ରାନ୍ତି ଅବସରରେ ପାଟଣାଗଡ ସହରରେ ଥିବା ବ୍ଲକ ଛକକୁ ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମ ଛକ ନାମରେ ନାମିତ କରାଯାଇଛି। ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ହୋଇଥିବା ଶୋଭାଯାତ୍ରା ସମୟରେ ବ୍ଲକ ଛକଠାରେ ଭଗବାନ ପର୍ଶୁରାମଙ୍କ ଏକ ଫଟୋଚିତ୍ର ରଖି ପୂଜାର୍ଚ୍ଚନା କରି ନୂଆ ନାମ ଦିଆଯାଇଥିଲା। ଆଗାମୀ ଦିନରେ ଏଠାରେ ପର୍ଶୁରାମଙ୍କ ଏକ ଆକର୍ଷଣୀୟ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ବ୍ରାହ୍ମଣ ସମାଜ ତରଫରୁ କୁହାଯାଇଛି। ଏହି ଅବସରରେ ବ୍ରାହ୍ମଣ ସମାଜର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଡାକ କର୍ମଚାରୀ ମୃତ

ଦେବଗଡ଼,୧୫।୪ (ଡି.ଏନ୍.ଏ.): ତିଳେଇବଣି ବ୍ଲକ କଂସର ଫାଣ୍ଡି ଅନ୍ତର୍ଗତ କେନ୍ଦେଇଜୁରୀ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଡାକ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ଦେଢ଼ଟାରେ କେନ୍ଦେଇଜୁରୀ ଗ୍ରାମରେ ଥିବା ଡାକ କର୍ମଚାରୀ ସୁଦାମ ଛତ୍ରିଆ (୪୫) ମହାବନ୍ଧକୁ ଗାଧୋଇ ଆସିଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ଧରି ପାଣିରୁ ନ ବାହାରିବାରୁ ପାଖରେ ଥିବା ଅନ୍ୟ କେତେକ ଗ୍ରାମବାସୀ ତାଙ୍କୁ ପାଣି ମଧ୍ୟରୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଜାଣିପାରି ଗ୍ରାମବାସୀ, ପରିବାର ଲୋକ ପୋଲିସକୁ ସୂଚନା ଦେଇଥିଲେ।

### ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବହୁ ଚର୍ଚ୍ଚିତ ଜିତେନ୍ଦ୍ର ସାହୁ ହତ୍ୟାକାଣ୍ଡର ରାୟ ପ୍ରକାଶ**

ଦେବଗଡ଼,୧୫।୪ (ଡି.ଏନ.ଏ): ବହୁ ଚର୍ଚ୍ଚିତ ଜିତେନ୍ଦ୍ର ସାହୁ ହତ୍ୟା ମାମଲାର ବିଚାର କରି ଜିଲା ଓ ଦୌରା ଜଜ୍ ବିଜୟ କୁମାର ପାତ୍ର ଅଭିଯୁକ୍ତ ଗୁରୁ ଚରଣ ଶବରଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଜରିମାନା ରାୟ ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ କ୍ଷତି ପୂରଣ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୧୭ ମସିହା ଅଗଷ୍ଟ ୨୧ ତାରିଖ କୁଣ୍ଡେଇଗୋଲା ଥାନା ଅନ୍ତର୍ଗତ ଖିଲେଇ ଗ୍ରାମରେ ଘଟିଥିଲା ହତ୍ୟାକାଣ୍ଡ। ଅଭିଯୁକ୍ତ ଗୁରୁଚରଣ ଏକ ଶାବଳରେ ଜିତେନ୍ଦ୍ରଙ୍କ ମୁଣ୍ଡରେ ପିଟିବା ସହ ବାରମ୍ବାର ପେଟରେ ଭୁସି ହତ୍ୟା କରିବା ସହ ଗ୍ରାମବାସୀଙ୍କୁ ଧମକ ଦେଇଥିଲେ। ଘଟଣାର ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକ୍ଟର ବବିତା ଦେହୁରୀ ଏହି ଘଟଣାର ତଦନ୍ତ କରିବା ସହ ଏହା ଏକ ଜଘନ୍ୟ ହତ୍ୟାକାଣ୍ଡ ଥିବାରୁ ୧୫ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ରାୟ ପ୍ରଦାନ କଲେ ଜିଲା ଓ ଦୌରା ଜଜ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବୃନ୍ଦାବନ ନାୟକ ପରିଚାଳନା କରୁଥିଲେ।

### ରେଳଧାରଣାରୁ ଯୁବତୀଙ୍କୁ ଉଦ୍ଧାର କଲେ ଗାର୍ଡ

ଟିଟିଲାଗଡ଼,୧୫।୪(ଡି.ଏନ.ଏ.): ଶୁକ୍ରବାର ଟିଟିଲାଗଡ଼ ନିକଟ ରେଳଧାରଣାରୁ ଆହତ ଅବସ୍ଥାରେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏକ ମାଲବାହୀ ଟ୍ରେନର ଡ୍ରାଇଭର ଧର୍ମେନ୍ଦ୍ର ପ୍ରସାଦ ଯୁବତୀ ଜଣକ ରେଳଧାରଣାରେ ପଡିଥିବା ଦେଖି ଟ୍ରେନ ଗାର୍ଡ ଦୀପକ କୁମାର ନାଗଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ପରେ ଗାର୍ଡ ତାଙ୍କୁ ରେଳଧାରଣାରୁ ଉଦ୍ଧାର କରି ଟିଟିଲାଗଡ ଷ୍ଟେଶନ ମ୍ୟାନେଜରଙ୍କ ଜିମା ଦେଇଥିଲେ।

### ଚୋରା କୋଇଲା କାରବାର: ୨ ଗିରଫ

ଦେବଗଡ଼,୧୫।୪(ଡି.ଏନ୍.ଏ.): ଦେବଗଡ଼ ଥାନା ଅନ୍ତର୍ଗତ ଧୂବୁଲିପଥର ଗ୍ରାମ ନିକଟସ୍ଥ ରାଞ୍ଚି- ବିଜୟୱାଡ଼ା ରାଜପଥ କଡରେ ଥିବା ଏକ ଢ଼ାବାରେ ବେଆଇନ କୋଇଲା କାରବାର ଚାଲୁଥିବା ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଉକ୍ତ ସ୍ଥାନରୁ ବେଆଇନ କୋଇଲା ବୋଝେଇ ଏକ ପିକଅପ ଭ୍ୟାନକୁ ଜବତ କରିଛି। ଏହା ସହ ଚୋରା କୋଇଲା ବ୍ୟବସାୟରେ ଲିପ୍ତ ୨ଯୁବକଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଧୂବୁଲିପଥର ଗ୍ରାମ ନିକଟରେ ଥିବା ବଟ ଢ଼ାବାରେ ବେଆଇନ ଚୋରା କୋଇଲା କାରବାର ହେଉଥିବା ସୂଚନା ପାଇ ଦେବଗଡ଼ ଥାନା ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଥିଲା। ଶୁକ୍ରବାର ଉକ୍ତ ଢାବାରୁ ଅଳ୍ପ ଦୂରରେ କୋଇଲା ବୋଝେଇ ଏକ ପିକ୍ଅପ ଭ୍ୟାନ୍ ପହଞ୍ଚିବା ପରେ ପୋଲିସ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲା। ମାତ୍ର ବୋଝେଇ କୋଇଲାର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ିରେ ଥିବା ଚାଳକ ବାରକୋଟ ଥାନା ଅନ୍ତର୍ଗତ ଦଣ୍ଡାସିଂହା ଗ୍ରାମର ପ୍ରେମାନନ୍ଦ ଦେହୁରୀ ଓ ରେଙ୍ଗାଲବାହାଲ ଗ୍ରାମର ସଚିନ କୁମାର ସାହୁଙ୍କୁ ପୋଲିସ ଅଟକ ରଖି ପଚାରଉଚୁରା କରିଥିଲେ। ସେମାନଙ୍କୁ ରେଙ୍ଗାଲବାହାଲ ଗ୍ରାମର ଜଣେ ବ୍ୟକ୍ତି ବଟ ଢାବାକୁ କୋଇଲା ଯୋଗାଇବାକୁ ପଠାଇଥିବା ପ୍ରକାଶ କରିବାରୁ ଦେବଗଡ଼ ଥାନା ପୋଲିସ ପ୍ରେମାନନ୍ଦ, ସଚିନ, ବଟ ଢ଼ାବା ମାଲିକଙ୍କ ବିରୋଧରେ ଚୋରି ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଛି। ସଚିନ ଓ ପ୍ରେମାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୨ଜଣ ଫେରାର ଅଛନ୍ତି।



ଆଦିବାସୀ ଓରାମ ଭାଷା, ସଂସ୍କୃତି ଓ ପରମ୍ପରାର ମହାପର୍ବ ସାରହୁଲ ମହୋତ୍ସବରେ ମଞ୍ଚାସୀନ ଅତିଥି।

# ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ଆହ୍ୱାନ

**ଓରାମ ସାଂସ୍କୃତିକ ସମାଜର ସାରହୁଲ ମହୋତ୍ସବ**

ସୁନ୍ଦରଗଡ,୧୫।୪(ଡି.ଏନ୍.ଏ)

ଆଦିବାସୀ ଓରାମ ଭାଷା, ସଂସ୍କୃତି ଓ ପରମ୍ପରାର ମହାପର୍ବ ସାରହୁଲ ମହୋତ୍ସବ-୨୦୨୨ ଶୁକ୍ରବାର ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓରାମ ସାଂସ୍କୃତିକ ସମାଜ ଓଡିଶା ଏବଂ ସୁନ୍ଦରଗଡ ଟାଉନ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏମ୍ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ ଯୋଗଦେଇ ଏହି ସାରହୁଲ ମହୋତ୍ସବର ମହାନ୍ ଉଦ୍ଦେଶ୍ୟ ଓ ଐତିହ୍ୟ ତଥା ପରମ୍ପରା ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ଆଧୁନିକତାର ବଶବର୍ତ୍ତୀ ହୋଇ ଯୁବ ସମାଜ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ କିଭଳି ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ନିଖିଲ ପବନକଲ୍ୟାଣ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର,ଏମସିଏଲ ବସୁନ୍ଧରା କ୍ଷେତ୍ରର ମହାପ୍ରବନ୍ଧକ ଏସ.କେ ଝା ପ୍ରମୁଖ ଯୋଗଦେଇ ଆଦିବାସୀ ପରମ୍ପରାର ମହାନ୍ ଐତିହ୍ୟ ସମ୍ପର୍କରେ ଆଲୋଚନା କରି ସମାଜର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଯଥାସମ୍ଭବ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ଓଡିଶା ସାଂସ୍କୃତିକ ସମାଜ ରାଜ୍ୟ ସଭାନେତ୍ରୀ ସୁକେଶୀ ଓରାମ, ସୁନ୍ଦରଗଡ଼ ଟାଉନ କମିଟିର ବାଲକୁ ବାର୍ଲା, ଅନନ୍ତରାମ କୁଜୁର, ମହାଦେବ କୁଜୁର, ବାସନ୍ତୀ ଖାଲକୋ, ସୋମା ଓରାମ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସକାଳ ୧୦ ଘଣ୍ଟିକାରୁ ଅପରାହ୍ନ ୪ଘଣ୍ଟିକା ପର୍ଯ୍ୟନ୍ତ ଓରାମ ସମାଜର ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୨୫ଗୋଟି ପାରମ୍ପାରିକ ସାଂସ୍କୃତିକ ଦଳର ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ବାଦ୍ୟର ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଓରାମ ସାଂସ୍କୃତିକ ସମାଜର ସାଧାରଣ ସମ୍ପାଦକ ପ୍ରେମସାଗର ଓରାମ ମଞ୍ଚ ପରିଚାଳନା କରିଥିଲେ। କଳାକୃଷ୍ଣ ଓରାମ, ତ୍ରିନାଥ ଖାଲକୋ, ରାମେଶ୍ୱର ଟପ୍ପୋ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଜାବୀ ଆଲବମରେ ସୁନ୍ଦରଗଡ଼ ଅଭିନେତାଙ୍କ ଧୁମ

ସୁନ୍ଦରଗଡ଼,୧୫।୪(ଡି.ଏନ.ଏ)


ଲାଲାଂଶୁ ଶେଖର ବାଘ।

ସଙ୍ଗୀତ କମ୍ପୋଜ କରିବା, ଗୀତ ଲେଖିବା ଓ ଗାଇବା ପ୍ରତି ଛୋଟବେଳୁ ରୁଚି ରଖୁଥିବା ଜଣେ ଓଡ଼ିଆ ପୁଅ ସୁନ୍ଦରଗଡର ଲାଲାଂଶୁଙ୍କ ପ୍ରଥମ ପଞ୍ଜାବୀ ଆଲବମ ଶନିବାର ଚଣ୍ଡିଗଡ଼ରେ ମୁକ୍ତିଲାଭ କରୁଛି। ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକ ଗୋପାଳପୁରରେ ରହି ଏମ୍ସିଏଲ ଚାକିରୀ କରୁଥିବା ନବୀନ ଚନ୍ଦ୍ର ବାଘ ଓ ମା ମନ୍ଦାକିନୀ ବାଘଙ୍କ ମଝିଆ ପୁତ୍ର ଲାଲାଂଶୁ ଶେଖର ବାଘ। ଉଚ୍ଚଶିକ୍ଷା ପାଇଁ ଚଣ୍ଡିଗଡ଼ ସ୍ଥିତ ଲଭଲି ପ୍ରଫେସନେଲ ୟୁନିଭର୍ସିଟିରେ ପାଠ ପଢୁଥିବା ଲାଲାଂଶୁ କେତେକ ୟୁଟ୍ୟୁବ ଚ୍ୟାନେଲରେ ନିଜର କମ୍ପୋଜ ସଙ୍ଗୀତ, ଗୀତ ଓ ଅଭିନୟକୁ ପ୍ରଦର୍ଶିତ କରାଇ ଲୋକପ୍ରିୟ ହୋଇଯାଇଥିଲେ। ଚଣ୍ଡିଗଡ଼ରେ ତାଙ୍କର ଏହି ପରିଶ୍ରମକୁ ଦେଖି କେତେଗୁଡିଏ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ତାଙ୍କୁ ସହଯୋଗ କରି ଶେଷରେ ଆଲବମ ଦୁନିଆରେ ପ୍ରବେଶ କରେଇ ପାରିଛନ୍ତି। ଫଳସ୍ୱରୂପ ଲାଲାଂଶୁଙ୍କ ଏହି ପ୍ରଥମ ପଞ୍ଜାବୀ ଆଲବମ "ନୂର"ମୁକ୍ତିଲାଭ କରିବାକୁ ଯାଉଛି। ଏ ନେଇ ଚଣ୍ଡିଗଡ଼ର ବିଭିନ୍ନ ସ୍ଥାନରେ ବ୍ୟାନର, ହୋଡିଙ୍ଗ ଲଗାଇ ଏହାର ପ୍ରଚାର କରାଯାଉଛି। ଏହି ଗୀତରେ ଖୋଦ ଲାଲାଂଶୁ ଗୀତ ଗାଇଥିଲାବେଳେ ଏହାର ଗାୟକ ଓ ସଙ୍ଗୀତ କମ୍ପୋଜ ନିଜେ କରିଛନ୍ତି। ଏହି ଗୀତକୁ ମିକ୍ସ କରିଛନ୍ତି ମନ୍ନ ଧୀଲନ, ଗୀତର ନିର୍ଦ୍ଦେଶନା ଦେଇଛନ୍ତି ସରବଜିତ ସୋହାଲ। ଲାଲାଂଶୁ ସୁନ୍ଦରଗଡ଼ ଅଞ୍ଚଳର ହୋଇଥିବାରୁ ଏହି ସଙ୍ଗୀତ ଆଲବମ ପାଇଁ ଓଡିଶା ସମେତ ସୁନ୍ଦରଗଡ଼ ସ୍ଥାନୀୟ କଳାପ୍ରେମୀଙ୍କ ମଧ୍ୟରେ ଆଗ୍ରହ ବଢିଚାଲିଛି।

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ଜିଲାପରିଷଦ ଉପାଧ୍ୟକ୍ଷ



ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରାଙ୍କ ସହ ଅନ୍ୟମାନେ।

ଟେନସା,୧୫।୪(ଡି.ଏନ.ଏ)

ସୁନ୍ଦରଗଡ ଜିଲାର ନବ ନିର୍ବାଚିତ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା ଗୁରୁବାର ଦିନିକିଆ ଗସ୍ତରେ କୋଇଡା ଅଞ୍ଚଳ ଆସିଥିଲେ। ପ୍ରଥମେ କୋଇଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିବା ପରେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ, କୋଇଡା(ଖ) ଜିଲା ପରିଷଦ ଅଶୋକ କୁମାର ନାଏକ, କୋଇଡା ବ୍ଲକ ଚେୟାରମ୍ୟାନ ସୁରେଶ ନାଏକ ପ୍ରମୁଖ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ପରେ ବିଡ଼ିଓଙ୍କ ପ୍ରକୋଷ୍ଠ ମଧ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କୋଇଡା ବ୍ଲକ ଅନ୍ତର୍ଗତ ଗ୍ରାମଗୁଡ଼ିକରେ ଥିବା ମୁଖ୍ୟ ସମସ୍ୟା ଗୁଡ଼ିକ ମଧ୍ୟରେ ପାନୀୟ ଜଳର ସମସ୍ୟା, ବିଦ୍ୟୁତ୍ ସମସ୍ୟା, ଶିକ୍ଷାଗତ ସମସ୍ୟା, ରାସ୍ତାଘାଟ ସମସ୍ୟା, ବେକାରୀ ସମସ୍ୟା, କୋଇଡାରେ କାର୍ଯ୍ୟକ୍ଷମ ହୋଇ ନ ଥିବା ପୋଷ୍ଟମୋର୍ଟମ ଘରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ବ୍ଲକ କାର୍ଯ୍ୟାଳୟରେ ଯନ୍ତ୍ରୀ ଏବଂ ଭିଏଲଡବ୍ଲୁଙ୍କ ସଂଖ୍ୟା ବଢେଇବା ଏହିପରି ବହୁ ସମସ୍ୟା ବିଷୟରେ ସମୀକ୍ଷା କରାଯାଇ କିପରି ଜନସାଧାରଣଙ୍କ ସମସ୍ୟା ସବୁ ଦୂର କରାଯାଇ ପାରିବ ପୁଙ୍ଖାନୁପୁଙ୍ଖ ଆଲୋଚୋନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଯନ୍ତ୍ରୀ ଯୋଗଦେଇ ନିଜ ଉତ୍ତର ରଖିଥିଲେ। ପରେ ଅପରାହ୍ନରେ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଏକ ଦଳୀୟ ସଭା ଆୟୋଜନ କରାଯାଇଥିଲା। କୋଇଡାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦଳୀୟ କାର୍ଯ୍ୟକର୍ତ୍ତା ଏହି ସଭାରେ ଯୋଗ ଦେଇଥିଲେ। ଉପସ୍ଥିତ ଥିବା ରାଉରକେଲା ବିଜେଡ଼ି ସାଂଗଠନିକ ଯୁବ ସଭାପତି ଅବିନାଶ ସୁମନ ବାଗେ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଜୋର୍ ଦେଇଥିଲେ। ଉପସ୍ଥିତ ଥିବା ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ବ୍ଲକ ବିଜେଡ଼ି ସଭାପତି କରୁଣାକର ପାତ୍ର ଉପସ୍ଥିତ ଥିଲେ।

# ଆଞ୍ଚଳିକ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ

ଟିଟିଲାଗଡ଼,୧୫।୪(ଡି.ଏନ.ଏ.)

ଆଞ୍ଚଳିକ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସାରସ୍ୱତ ଅନୁଷ୍ଠାନ'ସାହିତ୍ୟ ସଂସ୍କୃତି' ଟିଟିଲାଗଡ ପକ୍ଷରୁ ଆୟୋଜିତ ବିଷୁବ ମିଳନ ସମାରୋହରେ ଯୋଗଦେଇ ଅତିଥିମାନେ ଆହ୍ୱାନ କରିଛନ୍ତି। ସ୍ଥାନୀୟ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ମୁଖ୍ୟବକ୍ତା ଭବାନୀପାଟଣା ସରକାରୀ ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରାଧ୍ୟାପକ ପରମେଶ୍ୱର ମୁଣ୍ଡ ତଥା ସମ୍ମାନିତ ଅତିଥି ଭାବେ ପ୍ରଭାବତୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଡ. ସୁନନ୍ଦା ଜତି ମଞ୍ଚାସୀନ ଥିଲେ। ଜଗତୀକରଣ ତଥା ପାଶ୍ଚାତ୍ୟାଭିମୁଖୀ ନ ହୋଇ ନିଜ ଭାଷା, ସଂସ୍କୃତି, କଳା ପ୍ରତି ଅନୁରକ୍ତ ହେବାକୁ ଅତିଥିମାନେ ମତ ରଖିଥିଲେ। ଅନୁଷ୍ଠାନର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସତ୍ୟବ୍ରତ ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ସେବକଚରଣ ଦାଶଙ୍କ ଓଡିଆ ପ୍ରବନ୍ଧ 'ଅଳକାନନ୍ଦା' ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀର ଭିନ୍ନ ଦିଗ ଉପରେ ରଚିତ ଇଂରାଜୀ ପୁସ୍ତକ 'ସିଲଭର ପେଟାଲ', ଶିକ୍ଷାବିତ୍ ଜ୍ୟୋତିପ୍ରକାଶ ଗଡତ୍ୟାଙ୍କ କୋଶଲି କବିତା ସଙ୍କଳନ 'ଭୁରକୁଟି'କୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ଶିକ୍ଷାବିତ ଜ୍ୟୋତିପ୍ରକାଶ ଗଡତ୍ୟାଙ୍କୁ ଚଳିତବର୍ଷର ବିଷୁବ ସମ୍ମାନ, ଶିକ୍ଷୟିତ୍ରୀ ଶୁଚିସ୍ମିତା ମହାନ୍ତିଙ୍କୁ ଶିକ୍ଷା ସମ୍ମାନ, 'ଆଦିମ ବିଚାର'ରେ ଅଭିନୟ କରିଥିବା ନାଟ୍ୟକାର ମଧୁସୂଦନ ମହାନନ୍ଦଙ୍କୁ ଶିଳ୍ପୀ ସମ୍ମାନ, ବିଶିଷ୍ଟ କୋଶଲି ସାହିତ୍ୟିକ ଆନନ୍ଦ ଚନ୍ଦ୍ର ସାହୁଙ୍କୁ କୋଶଳଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ହିମାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରମୋଦ ପାଳ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ପରିବାରକୁ ୫ ଲକ୍ଷ ଲେଖାଏଁ କ୍ଷତିପୂରଣ

**ବୋଲେରୋ ମାଡି ଯାଇ ୨ ନାବାଳକଙ୍କ ମୃତ୍ୟୁ ଘଟଣା**

କୁଆଁରମୁଣ୍ଡା,୧୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ପାକେରଲଙ୍ଗର-ଦୁମାଙ୍ଗଦିରି ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିଃ(ଆଇଓସିଏଲ) ଡିପୋର ପାଇପ୍ ଲାଇନ୍ ପାଟ୍ରୋଲିଂ କରୁଥିବା ବୋଲେରୋ ଓଡି୧୪ଏକ୍ସ ୩୫୪୧ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଚଢିଯାଇ ୨ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଗ୍ରାମବାସୀଙ୍କ ସହ କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଓ ଅନ୍ୟମାନେ ଗ୍ରାମ୍ୟ ରାସ୍ତା ଅବରୋଧ କରି ମୃତକଦ୍ୱୟଙ୍କ ପରିବାରବର୍ଗଙ୍କୁ ୧୫ ଲକ୍ଷ ଲେଖାଏଁ କ୍ଷତିପୂରଣ ଦାବି କରିଥିଲେ। ହେଲେ ଘଟଣାର ୨ ଦିନ ପରେ ଅର୍ଥାତ ଗୁରୁବାର ବିଳମ୍ବିତ ରାତିରେ ବୀରମିତ୍ରପୁର ଥାନାରେ ଆଇଓସିଏଲର ଆଞ୍ଚଳିକ ଅଧିକାରୀ ପହଞ୍ଚି ଏସଡିପିଓ ମାନସରଞ୍ଜନ ପ୍ରଧାନ, ଆଇଆଇସି ମଂଜରୀ ନାଏକଙ୍କ ଉପସ୍ଥିତିରେ ମୃତକଦ୍ୱୟଙ୍କ ପରିବାରବର୍ଗଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁର ଚେକ୍ ପ୍ରଦାନ କରିଥିଲେ। ଏହା ସହ ଉଭୟଙ୍କ ପରିବାରରୁ ଜଣଙ୍କୁ ଯୋଗ୍ୟତା ଅନୁସାରେ ଉକ୍ତ କମ୍ପାନୀରେ ଚାକିରି ପ୍ରଦାନ କରାଯିବ ବୋଲି ଏସଡିପିଓ ପ୍ରଧାନ, ଆଇଆଇସି ନାଏକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ଉପସ୍ଥିତିରେ କମ୍ପାନୀ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଘଟଣାର ସମାଧାନ ହୋଇଛି। ଏହାପରେ ଶବଦ୍ୱୟକୁ ପୋଲିସ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

# ଆରଟିଓ ଛକ ନିକଟରୁ ବଜ୍ରକାପ୍ତା ଉଦ୍ଧାର


ଆରଟିଓ ଅଫିସ ନିକଟରୁ ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

ବଲାଙ୍ଗୀର ଅଫିସ,୧୫।୪

ବଲାଙ୍ଗୀର ସହର ଆରଟିଓ ଛକ ନିକଟ ଏକ ଘରୁ ବଜ୍ରକାପ୍ତା ଉଦ୍ଧାର ହୋଇଛି। ବନବିଭାଗ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିବା ଜଣାପଡିଛି। ଉଦ୍ଧାର ହୋଇଥିବା ବଜ୍ରକାପ୍ତାର ଓଜନ ୧୦ କେଜି ୬ ଶହ ଗ୍ରାମ। ଆରଟିଓ ଅଫିସ ପରିସର ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଏକ ପାଣିଟାଙ୍କି କରିଥିଲେ। ଉକ୍ତ ପାଣିଟାଙ୍କି ନିକଟରେ ଏକ ବଡ ଗାତ ଦେଖିବାକୁ ପାଇଥିଲେ। ଉକ୍ତ ଗାତରେ ଏକ ବଜ୍ରକାପ୍ତା ଥିବା ଦେଖି ସମ୍ପୃକ୍ତ ବ୍ୟକ୍ତି ଜଣକ ସ୍ଥାନୀୟ ବନବିଭାଗକୁ ଖବର କରିଥିଲେ। ବନବିଭାଗ ଟିମ୍ ଘଟଣାସ୍ଥଳକୁ ଯାଇ ବଜ୍ରକାପ୍ତାକୁ ଉଦ୍ଧାର କରିଥିବା ଜଣାପଡିଛି। ଏନେଇ ବନବିଭାର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଶିକ୍ଷକ ସମ୍ମିଳନୀ, ସମ୍ବର୍ଦ୍ଧନା ସଭା

ବ୍ରଜରାଜନଗର,୧୫।୪(ଡି.ଏନ.ଏ.)

ବ୍ରଜରାଜନଗର ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଏମ୍ସିଏଲ୍ ଓରିଏଣ୍ଟ କ୍ଷେତ୍ର ଷ୍ଟାଫ୍ କ୍ଲବ ପରିସରରେ ଶୁକ୍ରବାର ଶିକ୍ଷକ ସମ୍ମିଳନୀ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଚାନ୍ଦୁରାମ ଭୋଇ ସଭାପତିତ୍ୱ କରିଥିଲେ। ବ୍ରଜରାଜନଗର ପୌରପରିଷଦ ଉପାଧ୍ୟକ୍ଷ କ୍ରିଷ୍ଣା ଗୋପାଳ ସିତାନୀ ମୁଖ୍ୟଅତିଥି, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ଜେନା ମୁଖ୍ୟବକ୍ତା ଓ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ନାୟକ, ପୂର୍ବତନ ସଭାପତି ହେମସାଗର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଅବସରପ୍ରାପ୍ତ ୧୬ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି କୋଭିଡ୍ ସମୟରେ କାର୍ଯ୍ୟ କରିଥିବା ୬ ଜଣ ସିଆରସିସିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।ଶେଷରେଶିକ୍ଷକଅଶୋକ ବେହେରା ଧନ୍ୟବାଦ ଦେଇଥିଲେ।

# କଲେଜ ଛାତ୍ରୀଙ୍କୁ ଅପହରଣ ଘଟଣା, ଯୁବକ ଥାନାରେ ଅଟକ

ପାଟଣାଗଡ଼,୧୫।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ଭା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି। ଛାତ୍ରୀଙ୍କ ବାପା ତାଙ୍କ ଝିଅକୁ ଅପହରଣ କରାଯିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ଖୋଜାଖୋଜି କରିବା ପାଇଁ ଝିଅ ଘର ଲୋକଙ୍କୁ କହିଥିଲା। ଉପାୟ ଶୂନ୍ୟ ହୋଇ ଝିଅ ଘର ଲୋକେ ବହୁତ ଖୋଜାଖୋଜି ପରେ ଦୁହିଁଙ୍କୁ ଯୁବକଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରିଥିଲେ। ଛାତ୍ରୀଙ୍କ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଜିମା ଦେଇ ତାଙ୍କୁ ଘରକୁ ଆଣିଥିଲେ। ଅଭିଯୋଗ ଅନୁସାରେ, ଗତ ବୁଧବାର ସକାଳ ସାଢେ ୬ଟାରେ ଛାତ୍ରୀ ଜଣକ କଲେଜକୁ ପାଠ ପଢିବା ପାଇଁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପ୍ରଥମେ କଲେଜକୁ ଯାଇ ପରିବାର ଲୋକେ ବୁଝାବୁଝି କରିବା ସହ ଚାରିଆଡେ ଖୋଜାଖୋଜି କରିଥିଲେ। ଏହି ସମୟରେ ସେମାନେ ଜାଣିବାକୁ ପାଇଥିଲେ ଯେ ନିକଟସ୍ଥ ଗାଁର ଜଣେ ଯୁବକ ଅନ୍ୟ ଜଣକ ସହାୟତାରେ ଝିଅକୁ ରାସ୍ତାରୁ ଅପହରଣ କରି ନେଇ ଯାଇଥିଲେ। ସହଯୋଗୀ ଯୁବକ ଜଣକ ଏବେ ବି ଫେରାର ଥିବା ଝିଅର ପରିବାର ଲୋକଙ୍କ ଠାରୁ ଜଣାପଡିଛି।

# ବିଦ୍ୟାଳୟ ସଫା କଲେ ଯୁବ ଗୋଷ୍ଠୀ

**■ ବିଦ୍ୟାଳୟ ପାଲଟିଥିଲା ଭୂତ କୋଠି**

**■ ପୁନରୁଦ୍ଧାର ଲାଗି ଶୁଣିଲାନି ପୌର ପ୍ରଶାସନ**

ଦେବଗଡ଼,୧୫।୪(ଡି.ଏନ.ଏ)


ଯୁବକମାନେ ବିଦ୍ୟାଳୟ ସଫା କରୁଛନ୍ତି।

ଦେବଗଡ଼ ପୌରାଞ୍ଚଳ ୫ନମ୍ବର ୱାର୍ଡରେ ପୌର ପରିଷଦ ଅଧୀନରେ ଥିବା ପ୍ରାଥମିକ ବିଦ୍ୟାଳୟ ରକ୍ଷଣା ବେକ୍ଷଣ ଅଭାବରୁ ଭୂତ କୋଠି ପାଲଟି ଥିଲା। ପୁନରୁଦ୍ଧାର ପାଇଁ ସାହି ବାସିନ୍ଦାଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ପୌର ପରିଷଦ କର୍ଣ୍ଣପାତ ନ କରିବାରୁ ଶେଷରେ ଶୁକ୍ରବାର ଯୁବ ଗୋଷ୍ଠୀ ଏହି କାର୍ଯ୍ୟ ନିଜ ହାତକୁ ନେଇଥିବା ଜଣା ପଡିଛି। ମିଳିଥିବା ସୂଚନା ଅନୁଯାଇ ୫ ନମ୍ବର ୱାର୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟ ୧୯୬୩ ମସିହାରେ ସ୍ଥାପିତ ହୋଇଥିଲା। ଏହା ଦେବଗଡ଼ ପୌର ପରିଷଦ ଅଧୀନରେ କାର୍ଯ୍ୟକାରୀ ହୋଇ ଆସୁଥିଲା। ପୌରାଞ୍ଚଳରେ ଥିବା ପୁରୁଣା ସ୍କୁଲ କୋଠା ମଧ୍ୟରେ ଅନ୍ୟତମ ଏହି ସ୍କୁଲ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇ ଭୂତ କୋଠି ପାଲଟି ଥିଲା। ବିଦ୍ୟାଳୟ ପରିସରରେ ଟୀକାକରଣ ଠାରୁ ଭୋଟ ଗ୍ରହଣ କେନ୍ଦ୍ର ଭାବେ ପ୍ରଶାସନ ବ୍ୟବହାର କରିଆସୁଛି। ମାତ୍ର ରକ୍ଷଣବେକ୍ଷଣ ପ୍ରତି ଧ୍ୟାନ ନ ଦେବା କାରଣରୁ ବିଦ୍ୟାଳୟର କଳାପଟା ଧଳା ହୋଇ ଯାଇଥିବା ବେଳେ ଆଜବେଷ୍ଟ ଛାତ ଫାଟି ସୂର୍ଯ୍ୟ, ଚନ୍ଦ୍ର ଦେଖା ଯାଉଛି। ମରାମତି ପାଇଁ ସାହିବାସିନ୍ଦା ଅନୁରୋଧ କରି ନିରାଶ ହେବା ଦେଖି ନୂତନ ଭାବେ ବିଜେଡି ଦଳ ପକ୍ଷରୁ କାଉନସିଲର ନିର୍ବାଚିତ ହୋଇଥିବା ଯତୀନ ନାୟକ (ପିକୁନ)ଙ୍କ ସମେତ ସ୍ୱେଚ୍ଛାସେବୀ ରାଜ କିଶୋର ଦାଶ (ମିଲକୁ), ଶୁକଦେବ ଭଞ୍ଜ, ବିଷ୍ଣୁ ପ୍ରସାଦ ନାୟକ, ଆଲୋକ କୁମାର ଅମାତ, ଲଳିତ କୁମାର କର (ମୁନ୍ନା) ପ୍ରମୁଖ ସଫେଇ କରିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ସରକାରୀ ୟୁପି ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଉକ୍ତ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ପାଠ୍ୟ ଉପକରଣ ବଣ୍ଟନ କରାଯିବା ସହ ଏକ ଶୋକ ସଭା କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ଦେବକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବହଳପଦର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ଶିକ୍ଷକ ରଜତ ପଧାନ, ଜାନକୀ ବଲ୍ଲଭ ଝାଙ୍କର ଓ ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବିଶ୍ୱାଳଙ୍କ ପୁତ୍ର ସମିର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ।

# ଆହାର ପାଇଁ ତାତିକୁ ବେଖାତିର

## ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା

ବରଗଡ଼ ଅଫିସ୍,୧୫।୪

ମୁଣ୍ଡଫଟା ଖରା ଯୋଗୁ ବରଗଡ଼ ସହର ଉପକଣ୍ଠ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ନାନା ଅସୁବିଧା ଭୋଗୁଛନ୍ତି। ଡାକ୍ତରଖାନା ଭିତରେ ରୋଗୀଙ୍କ ସହିତ କେବଳ ଜଣେ ସମ୍ପର୍କୀୟଙ୍କୁ ରହିବାକୁ ପରାମର୍ଶ ଦିଆଯାଉଛି। ମାତ୍ର ଯେଉଁ ରୋଗୀଙ୍କ ଏକାଧିକ ସମ୍ପର୍କୀୟ ଆସୁଛନ୍ତି, ସେମାନଙ୍କର ଡାକ୍ତରଖାନା ପରିସରରେ ରହିବା ବ୍ୟବସ୍ଥା ନାହିଁ। ଫଳରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସି ରୋଗୀଙ୍କ ସମ୍ପର୍କୀୟଙ୍କୁ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। କିଏ ଡାକ୍ତରଖାନା କାନ୍ଥ ତଳେ ତ ଆଉ କେହି ଗଛ ତଳ କିମ୍ବା ଦୋକାନକୁ ଯାଇ ଆଶ୍ରୟ ନେଉଛନ୍ତି।

କେବଳ ସେତିକି ନୁହେଁ, ମୁଖ୍ୟ ଡାକ୍ତରଖାନା ପରିସରରେ ରହିଥିବା ଆହାର କେନ୍ଦ୍ରରେ ମଧ୍ୟ ଅନୁରୂପ ସମସ୍ୟା ଦେଖାଯାଇଛି। ଆହାର ପାଇଁ ଟାଣଖରାରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବାକୁ ପଡୁଛି। ଏଭଳିସ୍ଥଳେ ଡାକ୍ତରଖାନା ପରିସରରେ ଲୋକେ ଅଂଶୁଘାତର ଶିକାର ହେବା ଆଶଙ୍କା ରହିଛି। ଏ ନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ଶୁକ୍ରବାର ସନ୍ଧ୍ୟାରେ ତରବରିଆ ଭାବେ ମୁଖ୍ୟ ଡାକ୍ତରଖାନା ଆଗରେ ଛାଉଣି ଦିଆଯାଇଛି। ଅନ୍ୟବର୍ଷ ଅପେକ୍ଷା ଏଥର ତାତି ଅଧିକ ଥିବାବେଳେ ଗ୍ରୀଷ୍ମ ମୁକାବିଲା ପାଇଁ ମଧ୍ୟ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ବହୁଆଗରୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ମାତ୍ର ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଅବ୍ୟବସ୍ଥା ବିଭାଗୀୟ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍ଓ) ଡା. ଚୂଳବତୀ ସାହୁଙ୍କୁ ପଚାରିବାରୁ ଅଂଶୁଘାତ ମୁକାବିଲା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲା ମୁଖ୍ୟ ଡାକ୍ତରଖାନା ଆହାର କେନ୍ଦ୍ରରେ ଛାଉଣୀ ବ୍ୟବସ୍ଥା କରାଯାଇଛି।



ରୋଗୀଙ୍କ ସମ୍ପର୍କୀୟ କୁହନ୍ତି...

### ତାତିରେ ଲାଗୁଛି ଲୋକଙ୍କ ଧାଡ଼ି



“ଭେଡ଼େନ ବ୍ଲକ ଖପସିପାଲିରେ ଘର। ଗତ ୧୩ ତାରିଖରୁ ଗର୍ଭବତୀ ଝିଅଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଛୁ। ଝିଅ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛି। ଝିଅ ପାଖରେ କେବଳ ଜଣେ ରହିବାକୁ କୁହାଯାଇଛି। ଅନ୍ୟମାନଙ୍କୁ ସେଠାରୁ ବାହାର କରି ଦେଉଛନ୍ତି। ଟାଣଖରା ଯୋଗୁ ଡାକ୍ତରଖାନା ବାହାରେ ରହି ହେଉନାହିଁ। ଆହାର କେନ୍ଦ୍ରକୁ ଗଲେ ସେଠାରେ ମଧ୍ୟ ଛାଇ ବ୍ୟବସ୍ଥା ନାହିଁ। ଏଭଳି ଟାଣ ଖରାରେ ଧାଡ଼ିରେ ରହିବାକୁ ପଡୁଛି।

-ସୁଦେବୀ ଭୁଏ, ଖଗସିପାଲି

### ଯେଉଁଠିକୁ ଦେଖିଲେ ଟାଣଖରା



“ବନ୍ଧଲା ଗ୍ରାମରୁ ଗୁରୁବାର ରାତି ୨ଟାରେ ଏଠାକୁ ଆସିଛୁ। ପୁଅକୁ ଚିକିତ୍ସା ପାଇଁ ଆଣିଛୁ। ଡାକ୍ତରଖାନା ବାହାରେ ଯେଉଁଠାକୁ ଦେଖିଲେ ଟାଣଖରା। ଡାକ୍ତରଖାନା ଭିତରେ ରୋଗୀଙ୍କ ଜଣେ ସମ୍ପର୍କୀୟଙ୍କ ଛଡ଼ା ଅଧିକ ଲୋକଙ୍କୁ ରଖାଯାଉନାହିଁ। ଖରାରେ ରହି ବହୁତ ଅସୁବିଧା ଭୋଗିବାକୁ ପଡୁଛି। ଆହାର କେନ୍ଦ୍ରରେ ମଧ୍ୟ ଛାଇ ନାହିଁ। ସେଠାରେ କେଉଁଦିନ ମିଳିଲେ, କେବେ ଆହାର ମିଳୁନାହିଁ। ଫଳରେ ଖରାରେ ଧାଡ଼ିରେ ରହିବାକୁ ବାଧ୍ୟ ହେଉଛୁ।

-ଦେବାନନ୍ଦ ନାଏକ, ବନ୍ଧଲା

## ସଂକ୍ଷେପରେ

### ଜିରା ନଦୀରେ ବୁଡ଼ି ନାବାଳକ ମୃତ

ବରଗଡ଼ ଅଫିସ୍,୧୫।୪: ବରଗଡ଼ ସହର ଉପକଣ୍ଠରେ ବହିଯାଇଥିବା ଜିରା ନଦୀରେ ଗାଧୋଇବା ବେଳେ ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ-୧ ନିଗମାନନ୍ଦ ବିହାରରେ ରହୁଥିବା ଗଙ୍ଗାଧର ପଲେଇଙ୍କ ପୁଅ ନରେନ୍ଦ୍ର(୧୪)। ସେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ନବମ ଶ୍ରେଣୀରେ ପଢୁଥିଲେ। ଗାଧୋଇବାକୁ ଯାଇଥିବାବେଳେ ସେ ନଦୀରେ ବୁଡ଼ି ଯାଇଥିଲେ। ସେଠାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାପ କାମୁଡ଼ାରେ ନାବାଳକ ମୃତ

ବୌଦ୍ଧ,୧୫।୪(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ପଞ୍ଚାୟତର ଛତରଙ୍ଗ ଗ୍ରାମରେ ଜଣେ ଅସହାୟ ନାବାଳକଙ୍କ ସାପ କାମୁଡାରେ ଶୁକ୍ରବାର ମୃତ୍ୟୁ ଘଟିଛି। ଗ୍ରାମର ସୁଶାନ୍ତ ସାହୁ ଦୀର୍ଘ ଦିନ ହେବ ନିଜର ଦୁଇ ପୁଅ ଓ ଗୋଟିଏ ଝିଅକୁ ଛାଡି କୁଆଡେ ପଳାଇଯାଇଛନ୍ତି। ସୁଶାନ୍ତ ଛାଡି ଚାଲିଯିବା ପରେ ଅସହାୟ ମାଆ ଶାନ୍ତିଲତା ବହୁ କଷ୍ଟରେ ମୂଲଲାଗି ତିନି ଛୁଆଙ୍କୁ ଧରି ରହିଆସୁଥିଲେ। ପରିବାର ବୋଝ ଯୋଗୁ ଶାନ୍ତିଲତା ଏବେ ମାନସିକ ବିକାରଗ୍ରସ୍ତ ହୋଇଯାଇଛନ୍ତି। ତାଙ୍କର ବଡ ପୁଅ ଦୋକନରେ କାମ କରି ପରିବାର ଚଳାଇଆସୁଥିଲେ। ସୁଶାନ୍ତଙ୍କ ସାନପୁଅ ସୋନୁ (୧୨) ଗତ ଗୁରୁବାର ରାତିରେ ଖାଇ ସାରି ଘରେ ଶୋଇଯାଇଥିଲେ। ବିଳମ୍ବିତ ରାତିରେ ସୋନୁଙ୍କୁ ଏକ ବିଷଧର ସାପ କାମୁଡିଥିଲା। ତାଙ୍କୁ ପ୍ରଥମେ ହରଭଙ୍ଗା ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ନିଆଯାଇଥିଲା। ଫୁଲବାଣୀରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବର ସୋନୁର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ପୂର୍ବତନ ସରପଞ୍ଚ ସୁଶୀଲ କୁମାର ପ୍ରଧାନ ଅସହାୟ ପରିବାରକୁ ସମସ୍ତ ସହଯୋଗର ହାତ ବଢ଼ାଇଥିଲେ। ନିଜେ ଗ୍ରାମର କିଛି ଲୋକଙ୍କୁ ନେଇ ଶବ ଦାହ କରିଥିଲେ। ରେଡକ୍ରସ ପକ୍ଷରୁ ହରଭଙ୍ଗା ତହସିଲଦାର ୧୦ ହଜାର ଟଙ୍କା ଅସହାୟ ପରିବାରକୁ ସହାୟତା ପ୍ରଦନ କରିଥିଲେ।

### ଚେତନା ଆଶ୍ରମରେ ବ୍ୟଙ୍ଗ କବି ସମ୍ମିଳନୀ

ପଦ୍ମପୁର,୧୫।୪(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁରର ପବିତ୍ର ଧବଳେଶ୍ୱର ପୀଠ ଦେବଦର୍ହା ନିକଟସ୍ଥ ସ୍ୱଧର୍ମ ଚେତନା ଆଶ୍ରମ ପରିସରରେ ଶୁକ୍ରବାର ନବନିର୍ମିତ ଶ୍ରୀରାମ ମନ୍ଦିର ରତ୍ନମୁଦ ଉତ୍ସବରେ ବ୍ୟଙ୍ଗ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମ ଓ ରାମ ମନ୍ଦିର ନିର୍ମାଣର ମୁଖ୍ୟ ବାବା ଅନନ୍ତ ଚରଣ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଅରକ୍ଷିତ ପ୍ରଧାନ, ବିନୋଦ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ଅଧାପକ ସୁଶାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ପଦ୍ମଶ୍ରୀ ଲୋକକବି ହଳଧର ନାଗ, ମୁନିରାମ କୁମ୍ଭାର, ଅଧିକାରୀ ସା, କ୍ରାନ୍ତି କବି ହରିଲାଲ ସାହୁ, ଜୀବର୍ଦ୍ଧନ ମେହେର ଚେତନା ଧର୍ମୀ କବିତା ଆବୃତ୍ତି କରିଥିଲେ।

## ଡ୍ରେନରୁ ଗଳିତ ମୃତଦେହ ଜବତ: ହତ୍ୟା ସନ୍ଦେହ

କଣ୍ଟାବାଞ୍ଜି,୧୫।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ ନିକଟରେ ନବନିର୍ମିତ ବରିଷ୍ଠ ବିଦ୍ୟୁତ୍ ସେକ୍ସନ ଅଧିକାରୀଙ୍କ କାର୍ଯ୍ୟାଳୟ ପଛପଟେ ଥିବା ଡ୍ରେନରୁ ଶୁକ୍ରବାର ସକାଳେ ଜିଆରପି ଏକ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଉକ୍ତ ଡ୍ରେନ ପାଖକୁ ଲାଗିଥିବା ଶାଗୁଆନ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବା ବେଳେ ଦୁର୍ଗନ୍ଧ ହେଉଥିବାରୁ ଜିଆରପିକୁ ଖବର ଦେଇଥିଲେ। କଣ୍ଟାବାଞ୍ଜି ଜିଆରପି ଫାଣ୍ଡି ଅଧିକାରୀ ସୀତାରାମ ସୁନାରୀ ଓ ଟାଉନ ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ ପୋଲିସ ଦଳ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ସନ୍ଦେହରେ ଡ୍ରେନରୁ ଏକ ବାଲିବସ୍ତା ଉଦ୍ଧାର କରିଥିଲେ। ଏହି ବାଲିବସ୍ତାରୁ ଏକ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ଜଣେ ପୁରୁଷ ବୋଲି ଜଣାପଡିଛି। ୧୦-୧୨ ଦିନ ପୂର୍ବରୁ କେହି ଦୁର୍ବୃତ୍ତ ତାଙ୍କୁ ପଥରରେ ଛେଚି ହତ୍ୟା କରି ବାଲି ବସ୍ତାରେ ବାନ୍ଧି ପକାଇ ଦେଇଥିବା ଅନୁମାନ କରାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୁଣ୍ଡ ମିଳିନାହିଁ। ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଦଳ ଅପରାହ୍ନରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ସରକାରୀ ଡାକ୍ତରଖାନା ପଠାଇଥିଲା। ଦାୟିତ୍ୱରେ ଥିବା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ସ୍ଥାନୀୟ ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ମୃତକଙ୍କ ପରିଚୟ ମିଳି ନ ଥିବାରୁ ବ୍ୟବଚ୍ଛେଦ ପରେ ମୃତଦେହ ସ୍ଥାନୀୟ ଡାକ୍ତରଖାନାର ଫ୍ରିଜରରେ ଚିହ୍ନଟ ପାଇଁ ରଖାଯାଇଥିବା ଜିଆରପି ତରଫରୁ ସୂଚନା ଦିଆଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହାର କେସ୍ ନଂ.୨୦/୨୦୨୨।

## ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଡକାୟତି ଉଦ୍ୟମ

କର୍ଲାମୁଣ୍ଡା,୧୫।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରିଥିବା ଶୁକ୍ରବାର ସକାଳେ ଜଣାପଡ଼ିଛି। ଖବର ପାଇ ମ.ରାମପୁର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, କେସିଙ୍ଗା ଏସଡିପିଓ ଅଭିନବ ଶୌନକରଙ୍କ ନେତୃତ୍ୱରେ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ବ୍ୟାଙ୍କରେ ଚୋରି ଉଦ୍ୟମ ପାଇଁ ଦୁର୍ବୃତ୍ତମାନେ ଚେଷ୍ଟା କରି ବିଫଳ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ବ୍ୟାଙ୍କ ମେନେଜର ନାରାୟଣ ସାହୁଙ୍କୁ ପଚାରିବାରୁ ଶୁକ୍ରବାର ଭୋର ୫ଟାରେ ବ୍ୟାଙ୍କ ସାମନା ଗେଟ ଖୋଲା ଥିବା ବିଷୟରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସକୁ ସୂଚନା ଜଣାଯାଇଥିଲା। ତେବେ ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରିଥିଲେ ହେଁ କିଛି ନେଇ ପାରିନାହାନ୍ତି ବୋଲି କହିଛନ୍ତି।

## କଳାପାଣିରେ ପିଲାଙ୍କ ପାଠାଗାର

ବରଗଡ଼ ଅଫିସ୍,୧୫।୪

ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣି ଛକସ୍ଥିତ ଦିବ୍ୟଜୀବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶୁକ୍ରବାର ପିଲାଙ୍କ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ଶିଶୁମାନଙ୍କ ଅନ୍ତର୍ନିହିତ ଜ୍ଞାନର ବିକାଶ କରିବା ସହିତ ଜୀବନର ସବୁକ୍ଷେତ୍ରରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ଦାଶ, ନୀଳକଣ୍ଠ ସାହୁ ପିଲାଙ୍କ ପାଇଁ ପାଠାଗାରର ଉପାଦେୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପଠିତ ପୁସ୍ତକ ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ଛାତ୍ରୀଛାତ୍ର ଶାଳିନୀ ଲୁହୁରିଆ, ଲିଶି ପ୍ରଧାନ, ସତୀଶ ଡାକୁଆ, ପ୍ରୀତମ ସାହୁ, ରାଜ ରଣାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭ୍ରାମ୍ୟମାଣ ପାଠାଗାରର ଆବାହକ ଶିଶୁ ସାହିତ୍ୟିକ ରବି ନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ବିନୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡିଆ ଚାଷ ସମୀକ୍ଷା କଲେ ନୋଡାଲ ଅଫିସର



ବିଜେପୁର ମିଲେଟ୍ ଟିଫିନ ସେଣ୍ଟରରେ ନୋଡ଼ାଲ ଅଫିସର ଏବଂ ଅନ୍ୟ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୧୫।୪

ରାଜ୍ୟ କୃଷି ବିଭାଗର ବରଗଡ଼ ଜିଲା ନୋଡ଼ାଲ ଅଫିସର ଦୟାନିଧି ନାଏକ ଗୁରୁବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ସେ ବିଜେପୁର ବ୍ଲକକୁ ଗସ୍ତ କରି ସେହି ଅଞ୍ଚଳରେ ମିଲେଟ୍ ମିଶନ ସହାୟତାରେ ମହାଶକ୍ତି ଫାଉଣ୍ଡେଶନ ମାଧ୍ୟମରେ ହୋଇଥିବା ମାଣ୍ଡିଆ ଚାଷ ଉପରେ ସମୀକ୍ଷା କରିଥିଲେ। ପରେ ସେ ପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିଡୁଙ୍ଗୁରି ଗ୍ରାମର ଶେଷ ସେଠଙ୍କ ମାଣ୍ଡିଆ କ୍ଷେତ ପରିଦର୍ଶନ କରିଥିଲେ। ସେହିପରି ବିଜେପୁର ସ୍ଥିତ ମିଲେଟ୍ ଟିଫିନ ସେଣ୍ଟର ବୁଲି ଦେଖିଥିଲେ। ଏହା ସହିତ ତାଲପଦର ସ୍ଥିତ ଲକ୍ଷ୍ମୀବାଈ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହିତ ନାଏକ ଆଲୋଚନା କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଥର ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଲେ ସ୍ୱୟଂଶିବ ଜୋଶୀ

ଜୁନାଗଡ଼,୧୫।୪(ଡି.ଏନ.ଏ.)





ସ୍ୱୟଂଶିବ ଜୋଶୀ।

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ପଞ୍ଚାୟତ ଚିଲିଗୁଡା ଗ୍ରାମର ସ୍ୱୟଂଶିବ ଜୋଶୀ ଇଣ୍ଡିଆ ବୁକଅଫ ରେକର୍ଡ୍ସରେ ନିଜ ସ୍ଥାନ ଦ୍ୱିତୀୟ ଥର ପାଇଁ ବଜାୟ ରଖିଛନ୍ତି। ସେ ୨୦୨୧ରେ ୩୭ ସେକେଣ୍ଡରେ ୯ ଫୁଟ ବିଶିଷ୍ଟ ୩ଟି ଲୌହ ଖମ୍ବକୁ ଚଢି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିଲେ। କମ ବୟସରେ ୨୮ଟି ରାଜ୍ୟ ଓ ରାଜଧାନୀ, ମହାଦେଶର ନାମ, ପଞ୍ଚ ଇନ୍ଦ୍ରିୟ, ଇନ୍ଦ୍ର ଧନୁର ସାତ ରଙ୍ଗ,୧୪ଟି ଜାତୀୟ ପ୍ରତୀକ,୧୦ଟି ଖେଳର ନାମ, ୧୦ଟି ଜଳଚର ଜୀବ, ୧୨ ମାସର ନାମ, ସପ୍ତାହର ନାମ, ୬ ଋତୁର ନାମ, କମ୍ପ୍ୟୁଟର ୧୦ଟି ଅଂଶ, ଟ୍ରାଫିକ ସଂକେତ, ବୃକ୍ଷର ଅଂଶ ବିଶେଷ, ୧୦ ବିପରୀତ ବୋଧକ ଶବ୍ଦ, ୬ଟି ମନ୍ତ୍ର ଓ ଏବେ ଜାତୀୟ ସଙ୍ଗୀତ କହି ୨୦୨୨ରେ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ମା' ସାଗରିକା ଓ ବାପା ସମୀର ରଞ୍ଜନ ଜୋଶୀଙ୍କ ପ୍ରଚେଷ୍ଟାରେ ମାତ୍ର ୪ ବର୍ଷ ୧୦ ମାସ ବୟସରେ ଏହି କୃତିତ୍ୱ ହାସଲ କରିଥିବାରୁ ସ୍ୱୟଂଶିବ ଅଞ୍ଚଳର ବେଶ ପ୍ରଶଂସାର ପାତ୍ର ହୋଇଛନ୍ତି। ଭବିଷ୍ୟତରେ ସେ ଜଣେ ଦକ୍ଷ ସେନା ଅଧିକାରୀ ହେବାକୁ ଆଶା ରଖିଛନ୍ତି। ସ୍ୱୟଂଶିବ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀସେନ ଜୋଶୀଙ୍କ ନାତି। ତାଙ୍କ ମାର୍ଗ ଦର୍ଶନରେ ସେ ଏହି କୃତିତ୍ୱ ଲାଭ କରିଛନ୍ତି। ସ୍ୱୟଂଶିବଙ୍କୁ ସ୍ଥାନୀୟ ସରପଞ୍ଚ ତାରା ଶଙ୍କର ରାୟଗୁରୁ ଏବଂ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟୁତ୍ ଖୁଣ୍ଟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର ଅଫିସ,୧୫।୪

ବଲାଙ୍ଗୀର ଟାଉନ୍ ଥାନା ଅନ୍ତର୍ଗତ କନ୍ଧପାଲି-ସଦାଇପାଲି ରାସ୍ତାକଡ ଏକ ବିଦ୍ୟୁତ୍ ଖୁଣ୍ଟରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଯୁବକ ଜଣକ ଏକ ପ୍ୟାଣ୍ଟ ପିନ୍ଧିଥିବା ବେଳେ ବେକରେ ଏକ ଶାର୍ଟ ଗୁଡାଯାଇ ବିଦ୍ୟୁତ୍ ଖୁଣ୍ଟରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କର ପରିଚୟ ମିଳିନାହିଁ। ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। କିଭଳି ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ଝୁଲାଇ ଦିଆଯାଇଛି ତାହା ଜଣାପଡିନାହିଁ। ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରକୁ ନିଆଯାଇଛି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ପୋଲିସ ଅନୁଧ୍ୟାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି। ଟାଉନ୍ ଥାନାରେ ଏ ନେଇ ଏକ ଅପମୃତ୍ୟୁ (୩୨/୨୨) ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ, କୃଷି ଉପରେ ସମୀକ୍ଷା

### କେନ୍ଦ୍ର ଜିଲା ପ୍ରଭାରୀଙ୍କ ନୂଆପଡ଼ା ଗସ୍ତ

ନୂଆପଡ଼ା ଅଫିସ,୧୫।୪

ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଆକାଂକ୍ଷା ନୂଆପଡା ଜିଲା ପ୍ରଭାରୀ ତଥା କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ବର୍ହିବାଣିଜ୍ୟ ବିଭାଗ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଷଡଙ୍ଗୀ ଶୁକ୍ରବାର ନୂଆପଡା ଜିଲା ଗସ୍ତ କରିଥିଲେ। ଜିଲା ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକରେ ସାମିଲ ହେବା ସହିତ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସୂଚନାନୁଯାୟୀ କେନ୍ଦ୍ର ସରକାରଙ୍କ ବର୍ହିବାଣିଜ୍ୟ ବିଭାଗ ମହାନିର୍ଦ୍ଦେଶକ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଷଡଙ୍ଗୀ ଗୁରୁବାର ନୂଆଦିଲ୍ଲୀରୁ ଆସି ଛତିଶଗଡର ରାୟପୁର ବିମାନ ବନ୍ଦରରେ ଅବତରଣ କରିଥିଲେ। ପରେ ନୂଆପଡା ଅଧିକାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ଆଣିଥିଲେ। ଗୁରୁବାର ନୂଆପଡାରେ ରାତି ଯାପନ ପରେ ଶୁକ୍ରବାର ସକାଳୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଜିଲାର ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ, କୃଷି ଉପରେ ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ସ୍ୱାଧାଦେବ ସିଂ, ଜିଲା ଗ୍ରାମ୍ୟ ଉନ୍ନତନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ସୋଭାରାଣି ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ଜିଲା ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଜିଲାର ଶିକ୍ଷା ବ୍ୟବସ୍ଥା, ରୁରାଲ ହାଉସିଂ, ପରିମଳ ବ୍ୟବସ୍ଥା, ପାନୀୟ ଜଳ, କୃଷି ଆଦି ବିଭିନ୍ନ ପ୍ରସଙ୍ଗରେ ଅଧିକାରୀମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ଜିଲାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ, ମାଗୁରପାଣି ଉଚ୍ଚ ବିଦ୍ୟାଳୟ, ଆମସେନା ଦେଇ ଖରିଆର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବିଦ୍ୟାଳୟ ରୂପାନ୍ତରଣ, ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ଅପରାହ୍ନରେ ନୂଆପଡାର ପର୍ଯ୍ୟଟନର ସମ୍ଭାର ପତୋରା ପରିଦର୍ଶନ କରି ବାବା ଯୋଗେଶ୍ୱରଙ୍କ ଆର୍ଶିବାଦ ନେଇଥିଲେ। ନୂଆପଡା ଗସ୍ତ କାଳରେ ନୂଆପଡାର ଅଗ୍ରଗତିରେ ସେ ସମ୍ପୂର୍ଣ୍ଣ ଖୁସିବ୍ୟକ୍ତ କରିଛନ୍ତି।





ଜିଲାପାଳଙ୍କ ସହିତ ଜିଲା ପ୍ରଭାରୀ ଆଲୋଚନା କରୁଛନ୍ତି।

## ବାଇକ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ: ରାସ୍ତାରୋକୋ

ବିନିକା,୧୫।୪(ଡି.ଏନ୍.ଏ.)



ଶ୍ରମିକଙ୍କ ମୃତ୍ୟୁ ପରେ ଡାକ୍ତରଖାନା ଆଗରେ ଉତ୍ତେଜନା।

ସୁବର୍ଣ୍ଣପୁର ଜିଲା ବିନିକା-ଏସ୍.ରାମପୁର ମୁଖ୍ୟରାସ୍ତାର ମଧ୍ୟବର୍ତ୍ତୀ ଦାନୀପାଲି ଛକରେ ଗୁରୁବାର ରାତିରେ ଏକ ବାଇକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିନିକା ସହରସ୍ଥିତ ପାତିପଡାର ଗୋବିନ୍ଦ ଗୁରୁ (୨୬)। ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ମୃତଦେହ ରଖି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଅବରୋଧ କରିଥିଲେ।

ପ୍ରକାଶ ଯେ, ଗତକାଲି ନବବିବାହିତ ଗୋବିନ୍ଦ ନିଜ ଘରୁ ବିଶାଳପାଲିସ୍ଥିତ ଏକ ରାଇସ୍ ମିଲକୁ କାମ କରିବାକୁ ସାଇକେଲରେ ଯାଇଥିଲେ। ସେଠାରେ କାମ କରି ରାତି ପ୍ରାୟ ୮ଟାରେ ସାଇକେଲରେ ବିଶାଳପାଲିରୁ ନିଜ ଘରକୁ ଫେରିବା ସମୟରେ ଦାନୀପାଲି ଛକରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ତାଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାତ୍ରି ପ୍ରାୟ ୯ଟାରେ ଗୋବିନ୍ଦଙ୍କ ପରିବାର ଓ ସହରବାସୀ ଡାକ୍ତରଖାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀମାନେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଗିରଫ କରିବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ରାସ୍ତାରୋକୋ ଯୋଗୁ ବିନିକା-ସୋନପୁର-ଉଲୁଣ୍ଡା ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଭାରୀଯାନ ଅଟକି ରହିଥିଲା। ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ଉପ-ଜିଲାପାଳ ନିହାର ରଞ୍ଜନ କୁଅଁର, ଜିଲା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଜେଜେ ପଟେଲ ଓ ଏସଡିପିଓ ପୁଷ୍ପାଞ୍ଜଳୀ ନେଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ମୃତ ଯୁବକଙ୍କ ପରିବାରକୁ ରେଡକ୍ରସ ,ହରିଶ୍ଚନ୍ଦ୍ର ଆଦି ଫଣ୍ଡରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ବାଇକ୍ ଅରୋହୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ପାଟଣାଗଡ ବ୍ଲକ ଛକ ପର୍ଶୁରାମ ଛକ ନାମରେ ନାମିତ

ପାଟଣାଗଡ,(ଡି.ଏନ.ଏ.): ହନୁମାନ ଜୟନ୍ତୀ ତଥା ବିଷୁବ ସଂକ୍ରାନ୍ତି ଅବସରରେ ପାଟଣାଗଡ ସହରରେ ଥିବା ବ୍ଲକ ଛକକୁ ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମ ଛକ ନାମରେ ନାମିତ କରାଯାଇଛି। ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ହୋଇଥିବା ଶୋଭାଯାତ୍ରା ସମୟରେ ବ୍ଲକ ଛକଠାରେ ଭଗବାନ ପର୍ଶୁରାମଙ୍କ ଏକ ଫଟୋଚିତ୍ର ରଖି ପୂଜାର୍ଚ୍ଚନା କରି ନୂଆ ନାମ ଦିଆଯାଇଥିଲା। ଆଗାମୀ ଦିନରେ ଏଠାରେ ପର୍ଶୁରାମଙ୍କ ଏକ ଆକର୍ଷଣୀୟ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ବ୍ରାହ୍ମଣ ସମାଜ ତରଫରୁ କୁହାଯାଇଛି। ଏହି ଅବସରରେ ବ୍ରାହ୍ମଣ ସମାଜର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆରଟିଓ ଛକ ନିକଟରୁ ବଜ୍ରକାପ୍ତା ଉଦ୍ଧାର



ବଲାଙ୍ଗୀର ଅଫିସ,୧୫।୪: ବଲାଙ୍ଗୀର ସହର ଆରଟିଓ ଛକ ନିକଟ ଏକ ଘରୁ ବଜ୍ରକାପ୍ତା ଉଦ୍ଧାର ହୋଇଛି। ବନବିଭାଗ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିବା ଜଣାପଡିଛି। ଉଦ୍ଧାର ହୋଇଥିବା ବଜ୍ରକାପ୍ତାର ଓଜନ ୧୦ କେଜି ୬ ଶହ ଗ୍ରାମ। ଆରଟିଓ ଅଫିସ ପରିସର ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଏକ ପାଣିଟାଙ୍କି କରିଥିଲେ। ଉକ୍ତ ପାଣିଟାଙ୍କି ନିକଟରେ ଏକ ବଡ ଗାତ ଦେଖିବାକୁ ପାଇଥିଲେ। ଉକ୍ତ ଗାତରେ ଏକ ବଜ୍ରକାପ୍ତା ଥିବା ଦେଖି ସମ୍ପୃକ୍ତ ବ୍ୟକ୍ତି ଜଣକ ସ୍ଥାନୀୟ ବନବିଭାଗକୁ ଖବର କରିଥିଲେ। ବନବିଭାଗ ଟିମ୍ ଘଟଣାସ୍ଥଳକୁ ଯାଇ ବଜ୍ରକାପ୍ତାକୁ ଉଦ୍ଧାର କରିଥିବା ଜଣାପଡିଛି। ଏନେଇ ବନବିଭାର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### କଲେଜ ଛାତ୍ରୀଙ୍କୁ ଅପହରଣ ଘଟଣା, ଯୁବକ ଥାନାରେ ଅଟକ

ପାଟଣାଗଡ଼,୧୫।୪ (ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି। ଛାତ୍ରୀଙ୍କ ବାପା ତାଙ୍କ ଝିଅକୁ ଅପହରଣ କରାଯିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ଖୋଜାଖୋଜି କରିବା ପାଇଁ ଝିଅ ଘର ଲୋକଙ୍କୁ କହିଥିଲା। ଉପାୟ ଶୂନ୍ୟ ହୋଇ ଝିଅ ଘର ଲୋକେ ବହୁତ ଖୋଜାଖୋଜି ପରେ ଦୁହିଁଙ୍କୁ ଯୁବକଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରିଥିଲେ। ଛାତ୍ରୀଙ୍କ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଜିମା ଦେଇ ତାଙ୍କୁ ଘରକୁ ଆଣିଥିଲେ। ଅଭିଯୋଗ ଅନୁସାରେ, ଗତ ବୁଧବାର ସକାଳ ସାଢେ ୬ଟାରେ ଛାତ୍ରୀ ଜଣକ କଲେଜକୁ ପାଠ ପଢିବା ପାଇଁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପ୍ରଥମେ କଲେଜକୁ ଯାଇ ପରିବାର ଲୋକେ ବୁଝାବୁଝି କରିବା ସହ ଚାରିଆଡେ ଖୋଜାଖୋଜି କରିଥିଲେ। ଏହି ସମୟରେ ସେମାନେ ଜାଣିବାକୁ ପାଇଥିଲେ ଯେ ନିକଟସ୍ଥ ଗାଁର ଜଣେ ଯୁବକ ଅନ୍ୟ ଜଣକ ସହାୟତାରେ ଝିଅକୁ ରାସ୍ତାରୁ ଅପହରଣ କରି ନେଇ ଯାଇଥିଲେ। ସହଯୋଗୀ ଯୁବକ ଜଣକ ଏବେ ବି ଫେରାର ଥିବା ଝିଅର ପରିବାର ଲୋକଙ୍କ ଠାରୁ ଜଣାପଡିଛି।

### ଓମ୍ ପ୍ରକାଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ବେହେରା,୧୫।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଲଖିରାମ ଅଗ୍ରୱାଲ ମହାବିଦ୍ୟାଳୟରେ ଓମ୍ ପ୍ରକାଶ ଅଗ୍ରୱାଲଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଜୋନ ୨ ଜିଲା ପରିଷଦ ଶଙ୍କର ଜୁଏଡ, ବେହେରା ସରପଞ୍ଚ କୁମୁଦିନି ଗଇନ୍ତା, ସମିତି ସଭ୍ୟ କିଶୋର ନାଗ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗୀୟ ଓମପ୍ରକାଶ ଅଗ୍ରୱାଲ ତାଙ୍କ ବାପାଙ୍କ ନାମରେ ମହାବିଦ୍ୟାଳୟ ପ୍ରତିଷ୍ଠା କରି ଦଣ୍ଡପାଟ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଅଣ୍ଟାଭିଡି ଥିଲେ। ଏହି ଅବସରରେ ତାଙ୍କ ତନିପୁଅଙ୍କ ସପରିବାର ଓ ଗ୍ରାମବାସୀ ଶୋଭାଯାତ୍ରାରେ ବାହାରି ମହାବିଦ୍ୟାଳୟ ପହଞ୍ଚି ଥିଲେ। ସେଠାରେ ସେମାନଙ୍କୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ।

# ଜରୁରୀ କାମ ନ ଥିଲେ ଘରୁ ବାହାରନି: ଜିଲାପାଳ

**ସୁବର୍ଣ୍ଣପୁରରେ ଗ୍ରୀଷ୍ମ ଲହରି**

**■ପରିସ୍ଥିତିର ମୁକାବିଲା ପାଇଁ ଜରୁରୀ ବୈଠକ**

ସୋନପୁର,୧୫।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ତାପମାତ୍ରା ସମଗ୍ର ଦେଶର ରେକର୍ଡ ଭାଙ୍ଗିଛି। କିଛି ବର୍ଷ ଧରି ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିଲା ଜିଲାର ସଦର ମହକୁମା ସୋନପୁର। ଏବେ ଦେଶର ଉତ୍ତପ୍ତ ସହର ଭାବେ ପରିଗଣିତ ହେଲାଣି। ଗୁରୁବାର ଓ ଶୁକ୍ରବାର ସୋନପୁରର ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତାତିର ପ୍ରକୋପ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ସହରରେ ବଡ ବଡ ଗଛଗୁଡିକୁ କାଟି ଦିଆଯିବା, ଜଳାଶୟଗୁଡିକର ପୁନଃରୁଦ୍ଧାର ନ ହେବା, ସରକାରୀ ଓ ବେସରକାରୀ ଭାବେ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରାଯିବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲାପାଳ ଅବୋଲି ସୁନିଲ ନରୱଣେ ଶୁକ୍ରବାର ଜରୁରୀ ବୈଠକ ଡାକିଥିଲେ। ଏପ୍ରିଲ ମାସ ଠାରୁ ଜିଲାରେ କ୍ରମାଗତ ଭାବେ ତାତି ବଢିବାରେ ଲାଗିଛି। ତାପମାତ୍ରା ସବୁବେଳେ ୪୦ ଡିଗ୍ରୀ ଉପରେ ରହୁଛି। ଗତ ବୁଧବାର ଜିଲାର ତାପମାତ୍ରା ୪୩.୯ ଡିଗ୍ରୀ ରହିଥିଲା। ତେଣୁ ଧନଜୀବନର ସୁରକ୍ଷା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିବା ସହ ସମସ୍ତ ବିଭାଗୀୟ ଅଧୀକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତ ପରିସ୍ଥିତିର ଯେପରି ସୁ ବ୍ୟବସ୍ଥିତ ଭାବେ ମୁକାବିଲା କରା ଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ସହିତ ଜିରୋ କୁଜୁଆଲିଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ନିଜ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର କୌଣସି ସ୍ଥାନରେ ଯେପରି ପାନୀୟ ଜଳର ସମସ୍ୟା ନ ରହିବ ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଜିଲାର ବିଡିଓମାନଙ୍କୁ ନଳକୂପ ମରାମତି ପାଇଁ କହିଥିଲେ। ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ଦୃଷ୍ଟି ଦେବାକୁ ସମ୍ପୃକ୍ତ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ବରିଷ୍ଠ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ପରିଦର୍ଶନ କରି ଅଂଶୁଘାତ ମୁକାବିଲାର ସ୍ଥିତି ଅନୁଧ୍ୟାନ କରିବାକୁ ଜିଲାପାଳ ନରୱଣେ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତଜନିତ ମୃତ୍ୟୁ ସଂକ୍ରାନ୍ତ ତଦନ୍ତ ରିପୋର୍ଟ ସେହି ଅଞ୍ଚଳରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ଯଥାଶୀଘ୍ର ସମ୍ପୃକ୍ତ ତହସିଲଦାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତଜନିତ ମୃତ୍ୟୁର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ସମ୍ପୃକ୍ତ ତହସିଲଦାର ଓ ସ୍ୱାସ୍ଥ୍ୟ ଅଧିକାରୀ ମିଳିତ ଭାବେ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ସୂଚନା ପ୍ରାପ୍ତିର ୨ ଘଣ୍ଟା ମଧ୍ୟରେ ଜିଲାପାଳଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଆବଶ୍ୟକ ଜଳଛତ୍ର, ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ କୁହାଯାଇଛି। ଅନ୍ୟପକ୍ଷେ ଜିଲାର ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି ଯେ ଅତି ଆବଶ୍ୟକ ନ ହେଲେ ଜନସାଧାରଣ ପଦାକୁ ବାହାରନ୍ତୁ ନାହିଁ। ଜରୁରୀ କାର୍ଯ୍ୟ ଥିଲେ ମୁଣ୍ଡରେ ଓଦା ଲୁଗା ଢାଙ୍କି ବାହାରକୁ ବାହାରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସମସ୍ତ ବିଡିଓ, ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଦଳିତ ମିଳିତ ମଞ୍ଚ ପକ୍ଷରୁ ବାବା ସାହେବ ଆମ୍ବେଡକର ଜୟନ୍ତୀ



ଭାରତରତ୍ନ ଡ. ବି.ଆର. ଆମ୍ବେଡକର ଜୟନ୍ତୀରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୧୫।୪

ଜିଲା ଦଳିତ ମିଳିତ ମଞ୍ଚ ବଲାଙ୍ଗୀର ପକ୍ଷରୁ ଭାରତରତ୍ନ ବାବାସାହେବ ଡ. ବି.ଆର. ଆମ୍ବେଡକରଙ୍କ ୧୩୧ ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଥିଲା। ସ୍ଥାନୀୟ କୋଶଳ କଳା ମଣ୍ଡଳରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ସମୟରେ କଚେରୀ ଛକ ଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଲେଜ ଛକ କଲ୍ୟାଣ ମଣ୍ଡପ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବାସୁଦେବ ମୁଗ୍ରୀଙ୍କ ସଭାପତିତ୍ୱରେ ତଥା କୁନା ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ନଟରାଜ ନାଗ, ଭୀମସେନ ବାଗ, ସବିତା ନନ୍ଦ, ଲଳିତା ଦୀପ, ଦ୍ରୋଣ କୁମ୍ଭାର ଓ ଅମିନ୍ଦ୍ର ମେହେର ଯୋଗ ଦେଇଥିଲେ। ସଭାରେ ଅତିଥିମାନେ ବାବା ସାହେବଙ୍କ ସଂଘର୍ଷମୟ ଜୀବନ ଉପରେ କହି ଶିକ୍ଷିତ ହେବା, ସଂଘର୍ଷ କରିବା ଓ ସଙ୍ଗଠିତ ହେବା ପାଇଁ ଆହ୍ୱାନ କରିଥିଲେ। ବର୍ତ୍ତମାନ ସମୟରେ ସମ୍ବିଧାନର ସୁରକ୍ଷା ପାଇଁ ଉଦ୍ୟମ କରିବା ବ୍ୟକ୍ତିର କର୍ତ୍ତବ୍ୟ ହେବା ଉଚିତ ବୋଲି ଅତିଥିମାନେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଏସ୍‌ସି/ଏସ୍‌ଟି ବ୍ୟାଙ୍କ କର୍ମଚାରୀ ସଂଘ ବଲାଙ୍ଗୀର ସହଯୋଗ କରିଥିଲେ। ଶେଷରେ ଅର୍ଜ୍ଜୁନ ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନବନିର୍ବାଚିତ ଜନପ୍ରତିନିଧିଙ୍କୁ ଜିଲାସ୍ତରୀୟ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡ଼ା ଅଫିସ,୧୫।୪



ଅତିଥିଙ୍କ ଗହଣରେ ନବନିର୍ବାଚିତ ଜନପ୍ରତିନିଧି।

୨୦୨୨ ପଞ୍ଚାୟତ ନିର୍ବାଚନରେ ନବନିର୍ବାଚିତ ଜନପ୍ରତିନିଧିମାନଙ୍କୁ ନୂଆପଡା ଜିଲାସ୍ତରୀୟ ସ୍ୱାଗତ ସମ୍ବର୍ଦ୍ଧନା ସଭା କ୍ରିଷ୍ଣା ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯାଦବ ସମାଜ ଜିଲା ସଭାପତି ହରେରାମ କଠାର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ମହାସଚିବ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବେ ରାମଲାଲ ହଂସ, ଲିଙ୍ଗରାଜ ଘିବେଲା, ନାରୀନେତ୍ରୀ ମମତା ମଞ୍ଜରୀ ଥପା, ଚଞ୍ଚଳ ଶଗରିଆ, ଜୋହନ ରାଉତ, ମହେଶ ନିଆଲ, ତାରାଚନ ଥପା, ସନ୍ତୋଷ ନିଆଲ, ଭରତ ଲାଲ ରାଉତ, ରାଜୁ ହେର୍ଣ୍ଣା, କୁନୁ କରୁଆ ପ୍ରମୁଖ ଯୋଗଦାନ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଯାଦବ ସମାଜରୁ ସରପଞ୍ଚ, ସମିତି, ଜିଲା ପରିଷଦ, କାଉନସିଲରରେ ନିର୍ବାଚିତ ହୋଇ ଆସିଥିବା ନବନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଜିଲା ଯାଦବ ସମାଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାର ୫ଟି ବ୍ଲକ ଓ ୩ଟି ଏନ୍‌ଏସିରୁ ନିର୍ବାଚିତ ୩୮ ଜଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସେଥିମଧ୍ୟରୁ ୧୮ଜଣ ସରପଞ୍ଚ ଭାବେ ନିର୍ବଚିତ ହୋଇଥିବା ବେଳେ ୧୨ଜଣ ସମିତି ସଭ୍ୟାସଭ୍ୟ,୩ ଜଣ ଜିଲ୍ଲା ପରିଷଦ,୩ଜଣ କାଉନସିଲର, ଜଣେ ବ୍ଲକ ଉପାଧ୍ୟକ୍ଷ ଓ ଜଣେ ଏନ୍‌ଏସି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପଛୁଆବର୍ଗ ପାଇଁ ସ୍ଥାନ ସଂରକ୍ଷଣ ନ ଥାଇ ମଧ୍ୟ ୩୮ଜଣ ଯାଦବ ସମାଜରୁ ନିର୍ବାଚିତ ହୋଇ ଆସିଥିବାରୁ ଜିଲା ପାଇଁ ଗର୍ବ ଓ ଗୌରବ ବୋଲି ମତ ପ୍ରକାଶ ପାଉଛି। ତ୍ରିନାଥ ପୁଞ୍ଜି ମଞ୍ଚ ପରିଚାଳନା କରିଥିବା ବେଳେ ଯୋଗେନ୍ଦ୍ର ବାଗ, ରୁପଚନ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ଆଞ୍ଚଳିକ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ

ଟିଟିଲାଗଡ଼,୧୫।୪(ଡି.ଏନ.ଏ.)

ଆଞ୍ଚଳିକ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସାରସ୍ୱତ ଅନୁଷ୍ଠାନ'ସାହିତ୍ୟ ସଂସ୍କୃତି' ଟିଟିଲାଗଡ ପକ୍ଷରୁ ଆୟୋଜିତ ବିଷୁବ ମିଳନ ସମାରୋହରେ ଯୋଗଦେଇ ଅତିଥିମାନେ ଆହ୍ୱାନ କରିଛନ୍ତି । ସ୍ଥାନୀୟ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ମୁଖ୍ୟବକ୍ତା ଭବାନୀପାଟଣା ସରକାରୀ ସାନ୍ଧ୍ୟା ମହାବିଦ୍ୟାଳୟର ପ୍ରାଧ୍ୟାପକ ପରମେଶ୍ୱର ମୁଣ୍ଡ ତଥା ସମ୍ମାନିତ ଅତିଥି ଭାବେ ପ୍ରଭାବତୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଡ. ସୁନନ୍ଦା ଜତି ମଞ୍ଚାସୀନ ଥିଲେ। ଜଗତୀକରଣ ତଥା ପାଶ୍ଚାତ୍ୟାଭିମୁଖୀ ନ ହୋଇ ନିଜ ଭାଷା, ସଂସ୍କୃତି, କଳା ପ୍ରତି ଅନୁରକ୍ତ ହେବାକୁ ଅତିଥିମାନେ ମତ ରଖିଥିଲେ । ଅନୁଷ୍ଠାନର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ସତ୍ୟବ୍ରତ ପଣ୍ଡା ସଭା ପରିଚାଳନା କରିଥିଲେ । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ସେବକଚରଣ ଦାଶଙ୍କ ଓଡିଆ ପ୍ରବନ୍ଧ 'ଅଳକାନନ୍ଦା' ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀର ଭିନ୍ନ ଦିଗ ଉପରେ ରଚିତ ଇଂରାଜୀ ପୁସ୍ତକ 'ସିଲଭର ପେଟାଲ', ଶିକ୍ଷାବିତ୍ ଜ୍ୟୋତିପ୍ରକାଶ ଗଡତ୍ୟାଙ୍କ କୋଶଲି କବିତା ସଙ୍କଳନ 'ଭୁରକୁଟି'କୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ଶିକ୍ଷାବିତ ଜ୍ୟୋତିପ୍ରକାଶ ଗଡତ୍ୟାଙ୍କୁ ଚଳିତବର୍ଷର ବିଷୁବ ସମ୍ମାନ, ଶିକ୍ଷୟିତ୍ରୀ ଶୁଚିସ୍ମିତା ମହାନ୍ତିଙ୍କୁ ଶିକ୍ଷା ସମ୍ମାନ, 'ଆଦିମ ବିଚାର'ରେ ଅଭିନୟ କରିଥିବା ନାଟ୍ୟକାର ମଧୁସୁଦନ ମହାନନ୍ଦଙ୍କୁ ଶିଳ୍ପୀ ସମ୍ମାନ, ବିଶିଷ୍ଟ କୋଶଲି ସାହିତ୍ୟିକ ଆନନ୍ଦ ଚନ୍ଦ୍ର ସାହୁଙ୍କୁ କୋଶଲଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ହିମାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରମୋଦ ପାଳ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ରାଧାକାନ୍ତ ପାଢୀ, କୃଷ୍ଣଚନ୍ଦ୍ର ବାବୁ, ଡା. ଘନଶ୍ୟାମ ଜୈନ, ରାଜିବ ଲୋଚନ ପାଢୀ, ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# 'ଗଣତନ୍ତ୍ର ଓ ସମ୍ବିଧାନର ରକ୍ଷା ପାଇଁ ବିପ୍ଳବର ଆବଶ୍ୟକତା ହେଲାଣି'



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଅଫିସ, ୧୫।୪

ସ୍ଥାନୀୟ ସାମ୍ବାଦିକ ଭବନଠାରେ ଗୁରୁବାର ସନ୍ଧ୍ୟାରେ ଗଣ୍ଡାବଜା ପକ୍ଷରୁ ଭାରତରତ୍ନ ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର ରବିଶଙ୍କର ପାଣ୍ଡିଆ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର, ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ସଭାପତି ସବିତା ନନ୍ଦ, ସାମାଜିକ କର୍ମୀ ସୁଷମା ବଏ ମଞ୍ଚାସୀନ ଥିଲେ । ଭାରତୀୟ ସମ୍ବିଧାନ ହେଉଛି ଦେଶବାସୀଙ୍କ ପାଇଁ ବାବା ସାହେବ ଡ. ଆମ୍ବେଡକରଙ୍କ ଶ୍ରେଷ୍ଠ ଅବଦାନ । କିନ୍ତୁ ଦେଶରେ କ୍ଷିପ୍ର ଗତିରେ ଧନୀ ଓ ଗରିବଙ୍କ ତାରତମ୍ୟ ବଢୁଛି । ଏହା ଗଣତନ୍ତ୍ର ପ୍ରତି ଘାତକ । ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆବଶ୍ୟକ ହେଲେ ଜନସାଧାରଣଙ୍କୁ ବିପ୍ଳବର ପନ୍ଥା ଆପଣାଇବାକୁ ପଡିବ ବୋଲି ମୁଖ୍ୟଅତିଥି ବିଧାୟକ ମିଶ୍ର କହିଥିଲେ । ବାବା ସାହେବ ବହୁ ପ୍ରତିକୂଳ ପରିସ୍ଥିତିରେ ନିଜକୁ ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱରେ ପରିଣତ କରି ମାନବ ସମାଜର ମୁକ୍ତି ପାଇଁ ଅମୂଲ୍ୟ ମନ୍ତ୍ର ଦେଇ ଯାଇଛନ୍ତି ବୋଲି ମୁଖ୍ୟବକ୍ତା ପାଣ୍ଡିଆ କହିଥିଲେ । ସଭାରେ ଅନ୍ୟ ଅତିଥିମାନଙ୍କ ସହ ଆଡଭୋକେଟ୍ ଦିନେଶ ନାଗ ବକ୍ତବ୍ୟ ରଖିଥିଲେ । ସଭାକୁ ତରଣୀସେନ ଦୀପ ସଂଯୋଜନା କରିଥିଲେ ।

# ଜିଲାପାଳଙ୍କୁ ଲୋକାୟୁକ୍ତଙ୍କ ପୁଣି ନୋଟିସ

**କୋକସରା ବ୍ଲକରେ ଆବାସ ଯୋଜନା ଦୁର୍ନୀତି**

ଭବାନୀପାଟଣା/କୋକସରା, ୧୫।୪ (ସ୍ୱ.ପ୍ର./ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ସମ୍ପର୍କରେ ଓଡିଶା ରାଜ୍ୟ ଲୋକାୟୁକ୍ତ କଳାହାଣ୍ଡି ଜିଲାପାଳଙ୍କୁ ପୁଣି ନୋଟିସ କରିଛନ୍ତି। ଏହି ଘଟଣା ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଭବାନୀପାଟଣା ଅମଲା ଭବନଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୋକସରା ବ୍ଲକ ବଡପୋଡ଼ାଗୁଡା ପଞ୍ଚାୟତର ସୁମତି ନାଏକ, ପଦ୍ମା ନାଏକ, ମରୁଆ ଧଙ୍ଗଡାମାଝି, ଜଗନ୍ନାଥ ଦାସ, ମନ୍ଦାର ବେୱା, ଧନୁର୍ଜୟ ନାଏକଙ୍କୁ ସରକାରଙ୍କ ପକ୍ଷରୁ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଗୃହ ମଞ୍ଜୁର ହୋଇଥିଲା। ଗୃହ ନିର୍ମାଣ ହୋଇ ନ ଥିବା ବେଳେ ହିତାଧିକାରୀମାନଙ୍କ ଅଜାଣତରେ ବ୍ଲକ ଓ ପଞ୍ଚାୟତ କର୍ମଚାରୀମାନେ ଟଙ୍କା ଉଠାଇ ହଡପ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ତତ୍କାଳୀନ ବ୍ଲକ ଅଧ୍ୟକ୍ଷା ବାଗ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଗରିବ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜିଲାପାଳଙ୍କୁ ତା୧୭। ୭।୨୦୨୧ ତାରିଖରେ ଲିଖିତ ଆବେଦନ କରିଥିଲେ। ବ୍ଲକ ପ୍ରଶାସନ ନିଜ ତ୍ରୁଟି ଘଉଡାଇବାକୁ ଯାଇ କିଛି ପଞ୍ଚାୟତସ୍ତରୀୟ କର୍ମଚାରୀଙ୍କ ନାମରେ ଏତଲା ଦେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର, ଜିଓଟେଗିଙ୍ଗ ୟୁଥ ଗିରଫ ହୋଇ ଜାମିନରେ ଆସିଥିଲେ। କିନ୍ତୁ ଏହି ଦୁର୍ନୀତିକୁ ଡିଏସସି (ଡିଜିଟାଲ ସିଗନେଚର ସାର୍ଟିଫିକେଟ) ମାଧ୍ୟମରେ ମଞ୍ଜୁରୀ ପ୍ରଦାନ କରିଥିବା ନୋଡାଲ ଅଫିସର ତଥା ଏବିଡିଓ ଓ ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ କିମ୍ବା ହିତାଧିକାରୀଙ୍କୁ ନ୍ୟାୟ ମିଳିପାରିଲା ନାହିଁ। ଏଣୁ ତତ୍କାଳୀନ କୋକସରା ବ୍ଲକ ଅଧ୍ୟକ୍ଷା ବାଗ ଓଡିଶା ରାଜ୍ୟ ଲୋକାୟୁକ୍ତଙ୍କ ଅଦାଲତରେ ଆବେଦନ କରିଥିଲେ। ଲୋକାୟୁକ୍ତ ଗତ ୨୮।୧।୨୦୨୨ତାରିଖ ଏକ ମାମଲା ସଂଖ୍ୟା ଏଲୟାଇ-୪୫/୨୦୨୨ ଅନୁଯାୟୀ ଆବେଦନ ଗ୍ରହଣ କରିଥିଲେ। ପରେ ୧୫।୨।୨୨ ଆଦେଶକ୍ରମେ ଘଟଣା ତଦନ୍ତ ରିପୋର୍ଟ ଲୋକାୟୁକ୍ତଙ୍କ ଅଦାଲତରେ ଦାଖଲ ସହ ଆବେଦନକାରୀ ବାଗଙ୍କୁ ତା ୫।୪।୨୦୨୨ ସୁଦ୍ଧା ଦେବାକୁ ଜିଲାପାଳଙ୍କୁ ନୋଟିସ ଜାରି କରିଥିଲେ। ଜିଲାପାଳ ଲୋକାୟୁକ୍ତଙ୍କ ଆଦେଶ ଅବମାନନା କରିବାରୁ ପୁନର୍ବାର ଲୋକାୟୁକ୍ତ ଗତ ତା୫।୪।୨୨ ରିଖରେ ପୁଣି ଜିଲାପାଳଙ୍କୁ ନୋଟିସ ପାଇଁ ଆଦେଶ ଜାରି କରିଛନ୍ତି।

# ରେଳଧାରଣାରୁ ଯୁବତୀଙ୍କୁ ଉଦ୍ଧାର କଲେ ଗାର୍ଡ

ଟିଟିଲାଗଡ଼,୧୫।୪(ଡି.ଏନ.ଏ.)

ଶୁକ୍ରବାର ଟିଟିଲାଗଡ଼ ନିକଟ ରେଳଧାରଣାରୁ ଆହତ ଅବସ୍ଥାରେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏକ ମାଲବାହୀ ଟ୍ରେନର ଡ୍ରାଇଭର ଧର୍ମେନ୍ଦ୍ର ପ୍ରସାଦ ଯୁବତୀ ଜଣକ ରେଳଧାରଣାରେ ପଡିଥିବା ଦେଖି ଟ୍ରେନ ଗାର୍ଡ ଦୀପକ କୁମାର ନାଗଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ପରେ ଗାର୍ଡ ତାଙ୍କୁ ରେଳଧାରଣାରୁ ଉଦ୍ଧାର କରି ଟିଟିଲାଗଡ ଷ୍ଟେଶନ ମ୍ୟାନେଜରଙ୍କ ଜିମା ଦେଇଥିଲେ।

# ଜୁନାଗଡ଼ ସିଟିଜେନ୍ ଫୋରମର ବୈଠକ

ଜୁନାଗଡ଼,୧୫।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଆରଏମସି ସଭାଗୃହରେ ଶୁକ୍ରବାର ସିଟିଜେନ ଫୋରମ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ସିଟିଜେନ ଫୋରମର ସଭାପତି ଅଶୋକ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନବନିର୍ବାଚିତ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ଉପାଧକ୍ଷ୍ୟା ହିମାଦ୍ରୀ ନାଏକଙ୍କ ସମେତ ସମସ୍ତ କାଉନସିଲରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ପରେ ସମସ୍ତ ନିର୍ବାଚିତ ପ୍ରତିନିଧି ମିଳିମିଶି ଜୁନାଗଡର ସାମୂହିକ ବିକାଶ ପାଇଁ କାର୍ଯ୍ୟ କରିବା ଓ ଏଥିରେ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ଫୋରମ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ସଭାରେ ସମ୍ପାଦକ ବିଜୟ ବେହେରା, ସହସମ୍ପାଦକ ସନ୍ତୋଷ ସିଂଦେଓ, ସିନିୟର ସିଟିଜେନ ଫୋରମର ସଭାପତି ଈଶ୍ୱର ପୂଝାରୀ, ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ମାଝି, ଯୁଗଳ ନାଏକ, ଜଗବନ୍ଧୁ ନାଏକ, ମୁରାରୀ ଶର୍ମା, ନବକିଶୋର ବେହେରାଙ୍କ ସମେତ ସହରର ଅନେକ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତଥିଲେ। ନୂତନ କାଉନସିଲ ଜୁନାଗଡ଼ ସହର ସମସ୍ୟା ସମାଧାନ ଦିଗରେ ଯତ୍ନବାନ ହୋଇ ଜୁନାଗଡର ବିକାଶ କରିବା ପାଇଁ ବଦ୍ଧ ପରିକର ହେବା ପାଇଁ ସହମତି ପ୍ରକାଶ କରିଥିଲେ।




ସିନିୟର ସିଟିଜେନର ବୈଠକରେ ମଞ୍ଚାସୀନ ଅତିଥି।

# ସାଧାରଣ ନିର୍ବାଚନ ଉପରେ ଫୋକସ୍

**ଭାଜପାର ସମୀକ୍ଷା ବୈଠକ**

ଜୁନାଗଡ଼,୧୫।୪(ଡି.ଏନ.ଏ.)




ସମୀକ୍ଷା ବୈଠକରେ ମଞ୍ଚାସୀନ ଭାଜପା ନେତୃମଣ୍ଡଳୀ।

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ସଂସ୍କୃତି ଭବନଠାରେ ଶୁକ୍ରବାର ଭାଜପାର ସମୀକ୍ଷା ବୈଠକ ହୋଇଯାଇଛି। ବୈଠକରେ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ଦାଶ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର, ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, କାଳିପ୍ରସାଦ ରାୟଗୁରୁ, ଜିଲା ସଭାନେତ୍ରୀ ନିରୂପମା ନାଏକ, ସମିତିସଭ୍ୟା କାଞ୍ଚନ ବାଗ, ବକ୍ସିତୁଳସୀପାଲି ସରପଞ୍ଚ ଦିବ୍ୟ ଦୀପ, ଏନ୍‌ଏସି ପ୍ରଭାରୀ ଲକ୍ଷ୍ମୀ ନାରାୟଣ ବାଣୁଆ, ବରିଷ୍ଠ ନେତା ସତ୍ୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପଞ୍ଚାୟତ ନିର୍ବାଚନରେ ଦଳ ଅସଫଳ ହେବା ଓ ପୌର ନିର୍ବାଚନରେ ଭାଜପା କାଉନସିଲର ପରାଜୟର କାରଣ ଉପରେ ସମୀକ୍ଷା କରାଯାଇଥିଲା। ତେବେ ପୌରନିର୍ବାଚନରେ ଜୁନାଗଡ଼ ଏନ୍‌ଏସିରେ ଭାଜପା ଅଧ୍ୟକ୍ଷ ପଦ ହାତେଇଥିବାରୁ ସେହି ସଫଳ ରଣନୀତି ଅନୁସାରେ ଆଗାମୀ ସାଧାରଣ ନିର୍ବାଚନରେ ଦଳ ମଇଦାନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ତୃଣମୂଳସ୍ତରରେ ମୋଦି ସରକାରଙ୍କ ବିଭିନ୍ନ ଯୋଜନାର ବାର୍ତ୍ତା ଲୋକଙ୍କ ପାଖକୁ ପହଞ୍ଚାଇ ତାଙ୍କ ନିକଟତର ହେବା ଉପରେ ଆଲୋଚନା କରାଯାଇଥିଲା। ଏହି ସମୟରେ ଚାଷୀ ସମସ୍ୟା, ପିଡ଼ିଏସ ସମସ୍ୟା ମୁଖ୍ୟ ପ୍ରସଙ୍ଗ କରାଯିବା ନେଇ ଗୁରୁତ୍ୱରୋପ କରାଯାଇଥିଲା। ବୈଠକକୁ ଜିଲା ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ ବେହେରା ଓ ପୂର୍ବତନ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ବିଷୁବ ମିଳନ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍: ବରଗଡ଼ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଓଡ଼ିଆ ନବବର୍ଷ, ବିଷୁବ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାହ୍ନୁ ପୃଷ୍ଟିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୋବିନ୍ଦ ଦାଶ, ପ୍ରୀତମ ସିଂ, କାମିନୀ ଦାଶ, ଦେବୀ ପଟ୍ଟନାୟକ, ରବିନ୍ଦ୍ର ପାଣିଗ୍ରାହୀ, ସ୍ୱାଧୀନ ମହାରଣା, ପବିତ୍ର ସରାଫ, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ରହି ବିଷୁବ ମିଳନ ଉପରେ ନିଜ ମତ ରଖିଥିଲେ। ବାଲମୁକୁନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରାଧାକୃଷ୍ଣ ମନ୍ଦିରରୁ ଚୋରି

ସୋହେଲା,୧୫।୪(ଡି.ଏନ.ଏ): ବରଗଡ଼ ଜିଲା ସୋହେଲାର ପଦ୍ମପୁର ରୋଡ୍ ସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ମନ୍ଦିର ଗ୍ରୀଲ୍ ଏବଂ କବାଟ ଭାଙ୍ଗି ଚୋରମାନେ ୨ଟି ପିତ୍ତଳ ମୂର୍ତ୍ତି ଏବଂ ଠାକୁରଙ୍କ ବଂଶୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଖବର ପାଇ ସୋହେଲା ଥାନାଧିକାରୀ ଏଚ୍. ବି. ଗଡ଼ତିଆ ମନ୍ଦିରକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମନ୍ଦିର ପୂଜକ ଦୁର୍ଗାପ୍ରସାଦ ଦେବତା ଏ ନେଇ ଏତଲା ଦେବା ପରେ ସୋହେଲା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହାପୂର୍ବରୁ ଏହି ମନ୍ଦିରକୁ ଲାଗି ରହିଥିବା ସନ୍ତୋଷୀ ମନ୍ଦିର, ମୁଖ୍ୟଛକର ଅନତିଦୂରରେ ରହିଥିବା ହନୁମାନ ମନ୍ଦିରରୁ ମଧ୍ୟ ଚୋରି ହୋଇଛି । ମାତ୍ର ପୋଲିସ ଅଭିଯୁକ୍ତ ଚୋରଙ୍କୁ ଧରିବାରେ ବିଫଳ ହୋଇଛି । କିଛିଦିନ ତଳେ ସ୍ଥାନୀୟ କୃଷି କାର୍ଯ୍ୟାଳୟରେ ମଧ୍ୟ ଚୋରି ହୋଇଥିଲା। ଏଭଳି ଚୋରିବୃଦ୍ଧିକୁ ନେଇ ଅଞ୍ଚଳରେ ପୋଲିସ ପ୍ରତି ଜନସାଧାରଣଙ୍କ ଆସ୍ଥା ତୁଟିଥିବାବେଳେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି ।

### ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

ବରଗଡ଼ ଅଫିସ୍,୧୫।୪: ବରଗଡ଼ ଜିଲା ଆମ୍ବେଡ଼କର ଯୁବା ସଂଘ ପକ୍ଷରୁ ଗୁରୁବାର ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା ସହିତ ଆମ୍ବେଡ଼କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାରାଷ୍ଟ୍ର ନାଗପୁରରୁ ଆସିଥିବା ସମତା ସୈନିକ ଦଳ କୋର୍ଟ ସମ୍ମୁଖ ଆମ୍ବେଡ଼କର ପ୍ରତିମୂର୍ତ୍ତିରୁ ପଦଯାତ୍ରାରେ ଘୁଲିପାଲି ପର୍ଯ୍ୟନ୍ତ ଯାଇଥିଲେ। ସନ୍ଧ୍ୟାରେ ସଭା ହୋଇ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାୟପୁରର ସମାଜସେବୀ ଡା. ଗୋବିନ୍ଦ ଚୌହାନ ମୁଖ୍ୟଅତିଥି, ଧୃପତ ଚୌହାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଡା. ବିଦ୍ୟାଧର ନାଗ, ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣି ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିକ୍ରମ ଛତର ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧ ଜିଲାପ୍ରଶାସନ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ

ବୌଦ୍ଧ,୧୪।୪(ସ୍ୱ.ପ୍ର.): ସମ୍ବିଧାନ ପ୍ରଣେତା ଡ.ବି.ଆର. ଆମ୍ବେଦକରଙ୍କ ୧୩୧ ତମ ଜନ୍ମ ଜୟନ୍ତୀ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ସକାଳୁ ସ୍ଥାନୀୟ ଏଲଆଇସି କଲୋନୀସ୍ଥିତ ଗାଈଗୋଠ ପଡିଆଠାରେ ବୌଦ୍ଧ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ସାନିଟେସନ ଏକ୍ସପର୍ଟ ସୁନିଲ କୁମାର ପ୍ରଧାନଙ୍କ ସହଯୋଗରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସ୍ୱଚ୍ଛ ସାଥୀ,ପରିମଳ କର୍ମଚାରୀ , ଜିଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଏବଂ ବୌଦ୍ଧ ଏନଏସି ର ସଫେଇ କର୍ମଚାରୀମାନେ ମିଳିତ ଭାବରେ ସଫେଇ କର୍ଯ୍ୟ କରିବା ସହିତ ବସ୍ତିବାସିନ୍ଦାମାନଙ୍କୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ପରେ ତହସିଲ କାର୍ଯ୍ୟାଳୟ ଛକସ୍ଥିତ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଯୋଗ ଦେଇଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ସାମୁହିକ ଭାବରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟଠାରେ ଉଚ୍ଚ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ସାମାଜିକ କର୍ମୀ ହୃଦୟ ରଞ୍ଜନ ହୋତାଙ୍କ ପରଲୋକ

ଅମରପାଲି,୧୫।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର



ବିଶିଷ୍ଟ ସାମାଜିକ କର୍ମୀ ହୃଦୟ ରଞ୍ଜନ ହୋତା (୬୧)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ୫ମାସ ହେବ ରୋଗଗ୍ରସ୍ତ ହୋଇ ଚିକିତ୍ସାଧୀନ ଥିଲେ। ସମ୍ବଲପୁରରେ ଚିକିତ୍ସାଧୀନ ଥିବା ବେଳେ ମଧ୍ୟାହ୍ନରେ ତାଙ୍କର ପରଲୋକ ଘଟିଛି। ବୀରମହାରାଜପୁର ନିକଟ ଅମୂଲ୍ୟମଣି ରାଣୀପୁର ଗାଁରେ ମୃତଦେହ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ହରିହର ଯୋର ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି । ଏକମାତ୍ର ପୁଅ ସୁମିତ ସୌରଭ ହୋତା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ହୋତା ଜଣେ ମେଳାପି,ସ୍ନେହୀ ମଣିଷ ଥିବା ବେଳେ ଜଣେ ପୋଖତ କ୍ରୀଡାବିତ୍ ଓ ଖବରଦାତା ଭାବେ ଜଣାଶୁଣା ଥିଲେ।

# ଜରୁରୀ କାମ ନ ଥିଲେ ଘରୁ ବାହାରନି: ଜିଲାପାଳ

**ସୁବର୍ଣ୍ଣପୁରରେ ଗ୍ରୀଷ୍ମ ଲହରି**

**■ପରିସ୍ଥିତିର ମୁକାବିଲା ପାଇଁ ଜରୁରୀ ବୈଠକ**

ସୋନପୁର,୧୫।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ତାପମାତ୍ରା ସମଗ୍ର ଦେଶର ରେକର୍ଡ ଭାଙ୍ଗିଛି। କିଛି ବର୍ଷ ଧରି ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିଲା ଜିଲାର ସଦର ମହକୁମା ସୋନପୁର। ଏବେ ଦେଶର ଉତ୍ତପ୍ତ ସହର ଭାବେ ପରିଗଣିତ ହେଲାଣି। ଗୁରୁବାର ଓ ଶୁକ୍ରବାର ସୋନପୁରର ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତାତିର ପ୍ରକୋପ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ସହରରେ ବଡ ବଡ ଗଛଗୁଡିକୁ କାଟି ଦିଆଯିବା, ଜଳାଶୟଗୁଡିକର ପୁନଃରୁଦ୍ଧାର ନ ହେବା, ସରକାରୀ ଓ ବେସରକାରୀ ଭାବେ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରାଯିବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲାପାଳ ଅବୋଲି ସୁନିଲ ନରୱଣେ ଶୁକ୍ରବାର ଜରୁରୀ ବୈଠକ ଡାକିଥିଲେ। ଏପ୍ରିଲ ମାସ ଠାରୁ ଜିଲାରେ କ୍ରମାଗତ ଭାବେ ତାତି ବଢିବାରେ ଲାଗିଛି। ତାପମାତ୍ରା ସବୁବେଳେ ୪୦ ଡିଗ୍ରୀ ଉପରେ ରହୁଛି। ଗତ ବୁଧବାର ଜିଲାର ତାପମାତ୍ରା ୪୩.୯ ଡିଗ୍ରୀ ରହିଥିଲା। ତେଣୁ ଧନଜୀବନର ସୁରକ୍ଷା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିବା ସହ ସମସ୍ତ ବିଭାଗୀୟ ଅଧୀକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତ ପରିସ୍ଥିତିର ଯେପରି ସୁ ବ୍ୟବସ୍ଥିତ ଭାବେ ମୁକାବିଲା କରା ଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ସହିତ ଜିରୋ କୁଜୁଆଲିଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ନିଜ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର କୌଣସି ସ୍ଥାନରେ ଯେପରି ପାନୀୟ ଜଳର ସମସ୍ୟା ନ ରହିବ ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଜିଲାର ବିଡିଓମାନଙ୍କୁ ନଳକୂପ ମରାମତି ପାଇଁ କହିଥିଲେ। ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ଦୃଷ୍ଟି ଦେବାକୁ ସମ୍ପୃକ୍ତ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ବରିଷ୍ଠ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ପରିଦର୍ଶନ କରି ଅଂଶୁଘାତ ମୁକାବିଲାର ସ୍ଥିତି ଅନୁଧ୍ୟାନ କରିବାକୁ ଜିଲାପାଳ ନରୱଣେ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତଜନିତ ମୃତ୍ୟୁ ସଂକ୍ରାନ୍ତ ତଦନ୍ତ ରିପୋର୍ଟ ସେହି ଅଞ୍ଚଳରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ଯଥାଶୀଘ୍ର ସମ୍ପୃକ୍ତ ତହସିଲଦାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତଜନିତ ମୃତ୍ୟୁର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ସମ୍ପୃକ୍ତ ତହସିଲଦାର ଓ ସ୍ୱାସ୍ଥ୍ୟ ଅଧିକାରୀ ମିଳିତ ଭାବେ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ସୂଚନା ପ୍ରାପ୍ତିର ୨ ଘଣ୍ଟା ମଧ୍ୟରେ ଜିଲାପାଳଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଆବଶ୍ୟକ ଜଳଛତ୍ର, ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ କୁହାଯାଇଛି। ଅନ୍ୟପକ୍ଷେ ଜିଲାର ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି ଯେ ଅତି ଆବଶ୍ୟକ ନ ହେଲେ ଜନସାଧାରଣ ପଦାକୁ ବାହାରନ୍ତୁ ନାହିଁ। ଜରୁରୀ କାର୍ଯ୍ୟ ଥିଲେ ମୁଣ୍ଡରେ ଓଦା ଲୁଗା ଢାଙ୍କି ବାହାରକୁ ବାହାରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସମସ୍ତ ବିଡିଓ, ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୀତା ଚୋରି ନାଟକ ମଞ୍ଚସ୍ଥ



ରାମଲୀଳା ନାଟକର ଏକ ଦୃଶ୍ୟ।

**ବୌଦ୍ଧ ରାମଲୀଳା ଉତ୍ସବର ଷଷ୍ଠ ଦିବସ**

ବୌଦ୍ଧ,୧୫।୪(ସ୍ୱ.ପ୍ର.)

ବୌଦ୍ଧର ଐତିହାସିକ ରାମଲୀଳା ଯାତ୍ରା ମହୋତ୍ସବ ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇ ଶୁକ୍ରବାର ଷଷ୍ଠ ଦିବସରେ ପହଞ୍ଚିଛି। ବର୍ଣ୍ଣାଢ୍ୟ ପରିବେଶ ଓ ପ୍ରବଳ ଜନଗହଳି ମଧ୍ୟରେ ଚତୁର୍ଥ ଦିବସରେ ନାଟକ ପରିବେଷଣ ହୋଇଥିଲା ଲଙ୍କାପତି ରାବଣର ଭଉଣୀ ସୂର୍ପନେଖାର ନାକ କାଟିବା ପରେ ପ୍ରଭୁ ଶ୍ରୀରାମ ଖର, ଦୂଷଣ, ତ୍ରିଶିରାଭଳି ରାକ୍ଷାସଙ୍କ ବଧ କରିଥିଲେ। ଭଉଣୀ ସୂର୍ପନେଖାର ନାକ କାଟିବା ଘଟଣା ଜାଣିବା ପରେ ଲଙ୍କାପତି ରାବଣ ସୀତାମାତାଙ୍କ ହରଣ କରାଯିବା ନେଇ ଯୋଜନା କରିଥିଲେ। ଯାତ୍ରାର ଷଷ୍ଠ ଦିବସରେ ସୁନା ହରିଣ ପଛରେ ଶ୍ରୀରାମ ଯିବା, ସୀତାମାତା ଲକ୍ଷ୍ମଣ ଗାର ଡ଼େଇଁବା, ଶେଷରେ ଲଙ୍କାପତି ରାବଣ ସୀତାଙ୍କୁ ହରଣ କରାଯିବାର ଦୃଶ୍ୟ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚନା ଓ ଭବାନୀଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡିକୁ ପ୍ରଦର୍ଶନ କରିଥିଲେ। ପଣା ସଂକ୍ରାନ୍ତି ଓ ଗୁରୁବାର ରହିଥିବାରୁ ନାଟକ ମଞ୍ଚସ୍ଥ କରାଯିବା ପରିବର୍ତ୍ତେ ତୁଳସୀ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ସୁଶ୍ରୀ ବନ୍ଦିତା ନାୟକ ବ୍ୟାସ ଭାବରେ ଯୋଗଦେଇ ପାରାୟଣ ଗାନ କରିଥିଲେ। ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ଆସନ୍ତା ୨୩ ତାରିଖ ଠାରୁ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି।

# ଓପେସା ପକ୍ଷରୁ ଡିପ୍ଲୋମା ବୈଷୟିକ ଶିକ୍ଷା ସମ୍ପର୍କିତ କର୍ମଶାଳା

ସମ୍ବଲପୁର,୧୫।୪(ବ୍ୟୁରୋ)

ଓଡ଼ିଶା ପ୍ରାଇଭେଟ ଇଞ୍ଜିନିୟରିଂ ଆସୋସିଏଶନ (ଓପେସା) ପକ୍ଷରୁ ଶୁକ୍ରବାର ଡିପ୍ଲୋମା ବୈଷୟିକ ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଦେବେଇବାଲିସ୍ଥିତ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ସଭାକକ୍ଷରେ ହୋଇଥିବା କର୍ମଶାଳାକୁ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଇଟ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା, ହୀରାକୁଦ ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ସ୍ମେଟର ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲ୍ଲିକ, ଓପେସା ସାଧାରଣ ସମ୍ପାଦକ ଇଞ୍ଜିନିୟର ସରୋଜ କୁମାର ସାହୁ, ଉପସଭାପତି ଇଞ୍ଜିନିୟର ବିଭୂତି ଭୂଷଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରିଂ ଶିକ୍ଷା ପାଇଁ ସମସ୍ୟା ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ପରିସ୍ଥିତରେ ବୈଷୟିକ ଶିକ୍ଷାଭିତ୍ତିକ ଦକ୍ଷତା ପ୍ରତିପାଦନ କରିବା, ଶିଳ୍ପ ବୃଦ୍ଧି କ୍ଷେତ୍ରରେ ଯେଉଁ ମାନବ ସମ୍ବଳ ଭିତ୍ତିକ ନିୟମ ଲାଗୁ କରିବା ଦରକାର ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସୁଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନିକାଲ ଏଡୁକେସନ ପ୍ରତିଷ୍ଠାତା ସଭ୍ୟ ଇଂ. ଶ୍ରୀକର ମିଶ୍ର, ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି ପ୍ରତିଷ୍ଠାତା ସଭ୍ୟ ଜୟପ୍ରକାଶ ଅଗ୍ରୱାଲଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ମାନିତ କରାଯାଇଥିଲା। ଶେଷରେ ପିକେଏ ଗ୍ରୁପ ଇନ୍‌ଷ୍ଟିଚ୍ୟୁଶନର ସମ୍ପାଦକ ଡ. ତରୁଣ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ସୁଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନିକାଲ ଏଡୁକେସନ, ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ପିକେଏ ଗ୍ରୁପ ଇନ୍‌ଷ୍ଟିଚ୍ୟୁଶନ, ବ୍ଲାକ ଡାଇମଣ୍ଡ ସ୍କୁଲ ଅଫ ଇଞ୍ଜିନିୟରିଂ, ମହାମାୟା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, କଳାହାଣ୍ଡି ସ୍କୁଲ ଅଫ ଇଞ୍ଜିନିୟରିଂ, ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ସୁନ୍ଦରଗଡ ଇଞ୍ଜିନିୟରିଂ ସ୍କୁଲ, ରାଉରକେଲା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ବିକାଶ ପଲିଟେକ୍‌ନିକ ପ୍ରଭୃତି ଅନୁଷ୍ଠାନର ଅଧ୍ୟକ୍ଷ ଓ ନିଯୁକ୍ତିଦାତା ଯୋଗଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧିମାନେ।

## ରାମଚଣ୍ଡୀ ପୀଠରେ ବାସନ୍ତିକ ପୂଜା

ସୋହେଲା,୧୫।୪(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକ ଲମ୍ବରୁପାଲିରେ କୁଳିତା ସମାଜର ଅଧିଷ୍ଠାତ୍ରୀ ଦେବୀ ରାମଚଣ୍ଡୀ ପୀଠରେ ତିନିଦିନ ଧରି ବାସନ୍ତିକ ପୂଜା ଓ ଚଣ୍ଡୀହୋମ ଅନୁଷ୍ଠିତ ହୋଇଛି। ଚୈତ୍ର ଦ୍ୱାଦଶୀ ତିଥିରେ ପୂଜା ଆରମ୍ଭ ହୋଇ ପ୍ରତ୍ୟେହ ଚଣ୍ଡୀପାଠ, ହୋମ ଆଦିପୂଜା ହୋଇ ଚତୁର୍ଦ୍ଦଶୀ ତିଥିରେ ପୂର୍ଣ୍ଣାହୂତି ପଡ଼ିଥିଲା। ପଣ୍ଡିତ ସରୋଜ ଦେବତାଙ୍କ ତତ୍ତ୍ୱାବଧାନରେ ସୁମନ୍ତ ପାଣିଗ୍ରାହୀ, ପ୍ରିୟକାନ୍ତ ଦେବତା, ହୃଷିକେଶ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ତେଜରାଜ ପ୍ରଧାନ, ସ୍ତ୍ରୀ ଯାଜ୍ଞସିନୀ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ରମାକାନ୍ତ ଭୋଇ, ରାଧାକାନ୍ତ ଭୋଇ, ଗଣତନ୍ତ୍ର ପ୍ରଧାନ, ଗୋବିନ୍ଦ ସାହୁ, ବିଜୟ ଖମାରୀ, ଜୟପ୍ରକାଶ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଝାରବନ୍ଧରେ ବାସନ୍ତୀକ ଚୈତ୍ରପୂଜା

ଝାରବନ୍ଧ,୧୫।୪(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବାବା ବିଶା ଶହେ କୂଳ କୁଲତା ସମାଜ ପକ୍ଷରୁ ଶୁକ୍ରବାର ଝାରବନ୍ଧ ବଜାର ପ୍ରାଙ୍ଗଣରେ ବାସନ୍ତୀକ ଚୈତ୍ରପୂଜା ଅନୁଷ୍ଠିତ ହୋଇଛି। ପୂଜକ ଗଣେଶ କୁମାର ଭୋଇ, ଅଶୋକ ପ୍ରଧାନ ପୂଜାର୍ଚ୍ଚନା କରିଥିଲେ। ଭାରତ ବିଶ୍ୱାଳ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପୂଜାର୍ଚ୍ଚନା ପରେ ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ପଦ୍ମପୁର ବ୍ଲକ ସଭାପତି ଯୋଗେନ୍ଦ୍ର ଭୋଇ, ହେମସାଗର ଭୋଇ, ସାନନ୍ଦ କୁମାର ସାହୁ, ରସାନନ୍ଦ ପ୍ରଧାନ, ତୁଳସୀରାମ ପ୍ରଧାନ, ଗୌରୀଶଙ୍କର ସାହୁ, ତୁଳାରାମ ଭୋଇ ପ୍ରମୁଖ ଅଂଶଗ୍ରହଣ କରି ସାମାଜିକ ସଂସ୍କାର, ଶିକ୍ଷା ଉପରେ ଆଲୋଚନା କରିଥିଲେ। ଶ୍ୟାମସୁନ୍ଦର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବୌଦ୍ଧରେ ଦଣ୍ଡଯାତ୍ରା ପାଳିତ

ବୌଦ୍ଧ,୧୫।୪(ସ୍ୱ.ପ୍ର.)

ଗୁରୁବାର ଥିଲା ପଣା ସଂକ୍ରାନ୍ତି। ଏହି ଦିନ ବୌଦ୍ଧ ଜିଲାରେ ଶେଷ ହୋଇଛି କୃଷିଭିତ୍ତିକ ପର୍ବ ଦଣ୍ଡ ଯାତ୍ରା । ଦଣ୍ଡଯାତ୍ରା ଜିଲାର ଏକ ଭିନ୍ନ ପରମ୍ପରା ବହନ କରି ଆସୁଛି। ଚୈତ୍ର ମାସର ଟାଣ ଖରାରେ ପ୍ରତିବର୍ଷ ଜିଲାରେ ଦଣ୍ଡ ଉଠିଥାଏ। ଜିଲାର ଗ୍ରାମଗୁଡିକ ତଥା ବୌଦ୍ଧ ସହରରେ ରାମେଶ୍ୱର ମନ୍ଦିର, ଭୈରବୀ ମନ୍ଦିର ଓ ମାତେଙ୍ଗେଶ୍ୱର ଠାରେ ଦଣ୍ଡଯାତ୍ରା ପାଳିତ ହୋଇଛି। ହରଭଙ୍ଗା ବ୍ଲକର କୁଶଙ୍ଗ, ହରଭଙ୍ଗା, ପଦାମାଳ, ଲୋକାପଡା, ରାଣୀଗଞ୍ଜ, ଲଣ୍ଡେଜୁର, ପୁରୁଣାକଟକ , ଶରଧାପୁର, ବୌଦ୍ଧ ବ୍ଲକର ଜଗତି, ସିଦ୍ଧପୁର, ବାଉଁଶୁଣୀ, ଚଣ୍ଡିତଲ ଓ କଣ୍ଟମାଳ ବ୍ଲକର ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ପାଳିତ ହୋଇଛି। ପଣା ସଂକ୍ରାନ୍ତି ଦିନ ଦଣ୍ଡ ଦଳଗୁଡିକ ନିଜ ନିଜ ଗ୍ରାମକୁ ସକାଳୁ ସକାଳୁ ବିରାଟ ପଟୁଆରରେ ମହାପ୍ରଭୁଙ୍କୁ ଧରି ବିଭିନ୍ନ ବେଶ ଧାରଣ କରି ନାଚି ନାଚି ଯାଇଥିଲେ। ଗ୍ରାମର ଗୁଡି ଘର (ମଣ୍ଡପ) ଠାରେ ରହି ମେରୁ ପର୍ବ ପାଳନ କରିଛନ୍ତି। ମେରୁ ଯାତ୍ରା ଦିନ ସମସ୍ତ ଦଣ୍ଡ ବ୍ରତଧାରୀମାନେ ଉପବାସ ରହି ନିଜର ବ୍ରତ ଶେଷ କରିଥାନ୍ତି। ଦଣ୍ଡ ହେଉଥିବା ଗାଁଗୁଡିକରେ ରାତି ତମାମ ଭକ୍ତଙ୍କ ଗହଳି ଲାଗି ରହିଥିଲା।

# ଶାଶୁଘରୁ ବୋହୂ ନିଖୋଜ, ଥାନାରେ ମାମଲା

**୧୧ଦିନ ପରେ ମଧ୍ୟ ମିଳୁନି ପତ୍ତା**

ବରଗଡ଼ ଅଫିସ୍,୧୫।୪

ବରଗଡ଼ ବ୍ଲକ ରୋହିଣିଆ ଗ୍ରାମ ସ୍ଥିତ ଶାଶୁଘରୁ ବାସନ୍ତୀ ମେହେର ନାମ୍ନୀ ଜଣେ ମହିଳା ନିଖୋଜ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନିଖୋଜ ଘଟଣାକୁ ୧୧ଦିନ ବିତି ଯାଇଛି। ମାତ୍ର ତାଙ୍କ ପତ୍ତା ମିଳିପାରିନାହିଁ। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବିଶ୍ୱରଞ୍ଜନ ବରଗଡ଼ ଟାଉନ ଥାନାରେ ଏ ନେଇ ରିପୋର୍ଟ କରିଛନ୍ତି । ଅନ୍ୟପଟେ ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ଝିଅ ଶାଶୁଘରୁ କୁଆଡେ ଚାଲି ଯାଇଛି ବୋଲି କନ୍ୟାପକ୍ଷ ଅଭିଯୋଗ କରିଛନ୍ତି। ଏ ନେଇ ନିଖୋଜ ବାସନ୍ତୀଙ୍କ ବାପା ତଥା ବରଗଡ଼ ଗଙ୍ଗାଧର ନଗର ନିବାସୀ ଯୋଗୀନ୍ଦ୍ର ମେହେର ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୭୫/୨୨) ରୁଜୁ କରିଛି ।

ପ୍ରକାଶ ଯେ, ୨୦୧୫ ଏପ୍ରିଲ ୩୦ତାରିଖରେ ବରଗଡ଼ ଗଙ୍ଗାଧର ନଗର ନିବାସୀ ଯୋଗୀନ୍ଦ୍ର ମେହେରଙ୍କ ଝିଅ ବାସନ୍ତୀ ରୋହିଣିଆ ଗ୍ରାମର ସ୍ୱର୍ଗତ ସନୁ ମେହେରଙ୍କ ପୁଅ ବିଶ୍ୱରଞ୍ଜନଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛନ୍ତି। ବିବାହ ପରେ ମୋଟରସାଇକେଲ ଦାବି କରି ସ୍ୱାମୀ ତାଙ୍କ ଝିଅ ବାସନ୍ତୀଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। ପରେ କନ୍ୟାପକ୍ଷ ଏକ ମୋଟରସାଇକେଲ ଦେଇଥିଲେ ସୁଦ୍ଧା ନିର୍ଯ୍ୟାତନା ଥମି ନ ଥିବା ଯୋଗୀନ୍ଦ୍ର ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗତ ୪ତାରିଖରେ ବାସନ୍ତୀ ଶାଶୁଘରୁ ନିଖୋଜ ହୋଇଯିବା ରହସ୍ୟାବୃତ୍ତ ହୋଇ ପଡ଼ିଛି। ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗୀନ୍ଦ୍ର ଏସ୍‌ପି ରାହୁଲ ଜୈନଙ୍କୁ ଭେଟି ନିବେଦନ କରିଛନ୍ତି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାଉଁଶୁଣୀ,୧୫।୪(ଡି.ଏନ୍.ଏ.)

ବୌଦ୍ଧ ଜିଲା ଅଁଳାପାଳି ଗ୍ରାମପଞ୍ଚାୟତ ବାଦୀକଟା (ସିଙ୍ଘପାଲି) ବାସିନ୍ଦା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଲିଚନ୍ଦ୍ର ସିଂହ ଶୁକ୍ରବାର ସକାଳ ୬ଟା ୩୦ରେ ପରଲୋକ ଗମନ କରିଛନ୍ତି। ସେ ପୂର୍ବରୁ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ସକାଳେ ହଠାତ ଅସୁସ୍ଥ ଅନୁଭବ କରି ହୃଦଘାତରେ ମୃତ୍ୟୁବରଣ କରିଥିଲେ। ସିଂ ବହିରା ଏମଇ ସ୍କୁଲରେ ଚାକିରୀ ଜୀବନ ଆରମ୍ଭ କରି ସେହିଠାରେ ହିଁ ପଦୋନ୍ନତି ପାଇ ପ୍ରଧାନଶିକ୍ଷକ ହୋଇଥିଲେ। ୨୦୦୭ ମସିହାରେ ଅବସର ଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ଧରି ବହିରା ଏମଇ ସ୍କୁଲରେ ଶିକ୍ଷକତା କରିଥିବାରୁ ତାଙ୍କର ବିୟୋଗରେ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଗଭୀର ଶୋକରଛାୟା ଖେଳିଯାଇଛି। ସକାଳେ ଆତ୍ମୀୟ ସ୍ୱଜନ ଓ ପରିଚିତ ଲୋକେ ତାଙ୍କର ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ମାଧବ ଚନ୍ଦ୍ର ସିଂହ ମୁଖାଗ୍ନୀ ଦେଇଥିଲେ।

# ମୁଦ୍‌ଗର, ଭାର ଉତ୍ତୋଳନ ପ୍ରତିଯୋଗିତା

ବରପାଲି,୧୫।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଶିବାଜୀ କ୍ଲବ ହନୁମାନ ମନ୍ଦିର କମିଟି ପକ୍ଷରୁ ହନୁମାନ ଜୟନ୍ତୀ ଅବସରରେ ଭାର ଉତ୍ତୋଳନ ଓ ମୁଦ୍‌ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଦ୍‌ଗର ପ୍ରତିଯୋଗିତାରେ ୧୩ଜଣ ଏବଂ ଭାର ଉତ୍ତୋଳନ ପ୍ରତିଯୋଗିତାରେ ୧୪ଜଣ ଭାଗ ନେଇଥିଲେ। ମୁଦ୍‌ଗର ପ୍ରତିଯୋଗିତାରେ ଗୌରାଙ୍ଗ ମେହେର ପ୍ରଥମ, ବିଜୟ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଭାର ଉତ୍ତୋଳନରେ ସଞ୍ଜୀବ ନାୟକ ପ୍ରଥମ, ଅଭିଳାଷ ସେଠ ଦ୍ୱିତୀୟ ହୋଇଥିଲେ। ଏଥିରେ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଲିଙ୍ଗରାଜ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଧର୍ମରାଜ ସିଂ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ବରପାଲିରେ ଆମ୍ବେଡକର ଜୟନ୍ତୀ

ବରପାଲି,୧୫।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲରେ ଗୁରୁବାର ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ଆମ୍ବେଡ଼କର ଭବନରୁ ଶୋଭାଯାତ୍ରା ବାହାରି ତହସିଲ ଛକ ସ୍ଥିତ ଆମ୍ବେଡ଼କର ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ମାଲ୍ୟାର୍ପଣ ପରେ ସଭା ହୋଇଥିଲା। ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟ ଅତିଥି, ବରପାଲି ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର, ଟିକାୟତ ମହତ୍ତମ ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ଅଲୋକ ମହାନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ବିରେନ୍ଦ୍ର ମହାନନ୍ଦ ବିବରଣୀ ପାଠ କରିଥିଲେ। ବିନୋଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ରାମ ବନବାସ, ଭରତ ମିଳନ ନାଟକ ମଞ୍ଚସ୍ଥ

ବାଉଁଶୁଣୀ,୧୫।୪(ଡି.ଏନ.ଏ.)



ରାମ ୧୪ ବର୍ଷ ବନବାସ ଯିବା ଦୃଶ୍ୟ।

ଶ୍ରୀଶ୍ରୀ ରାମଲୀଳା ନାଟ୍ୟ ସାଂସଦ ବାଉଁଶୁଣୀ ଛକର ୨୬ତମ ରାମଲୀଳା ମହୋତ୍ସବର ପଞ୍ଚମ ରଜନୀରେ ରାମ ବନବାସ ଓ ଭରତ ମିଳନ ନାଟକ ମଞ୍ଚସ୍ଥ ହୋଇଥିଲା। ରାଜା ଦଶରଥ ରାମଚନ୍ଦ୍ରଙ୍କୁ ରାଜା କରିବା ପାଇଁ ପାତ୍ର ମନ୍ତ୍ରୀ ପ୍ରଜାମାନଙ୍କୁ ଡକାଇ ଯୁବରାଜ କରିବାକୁ ପରାମର୍ଶ ମାଗିଥିଲେ। ସର୍ବସମ୍ମତି କ୍ରମେ ରାମଚନ୍ଦ୍ରଙ୍କୁ ଡକେଇ ରାଜା ହେବା ପାଇଁ ଜଣାଇଥିଲେ। ଏଥିରେ ମନ୍ଥରାର କୁମନ୍ତ୍ରଣାରେ କୈକେୟୀ ପୂର୍ବରୁ ରାଜା ଦେଇଥିବା ଦୁଇ ବରକୁ ପାଇବା ପାଇଁ ରାଜାଙ୍କୁ ସତ୍ୟ କରାଇଥିଲେ। ପ୍ରଥମ ବର ରାମଙ୍କ ଚଉଦ ବର୍ଷ ବନବାସ ଓ ଦ୍ୱିତୀୟ ବର ଭରତ ଅଯୋଧାରେ ରାଜା ହେବା। ଏଥିରେ ରାଜା ଦୁଃଖିତ ହୋଇ ରାଣୀଙ୍କୁ କେତେ କାକୁତି ବିନତୀ ହୋଇଥିଲେ ରାମଙ୍କୁ ବନବାସ ନ ପଠାଇବା ପାଇଁ । କିନ୍ତୁ ରାମଚନ୍ଦ୍ର ଚଉଦ ବର୍ଷ ପାଇଁ ଅନୁଜ ଲକ୍ଷ୍ମଣ ଓ ସୀତାଙ୍କୁ ଧରି ଅଯୋଧାରୁ ବନ ଅଭିମୁଖେ ଯାତ୍ରା କରିଥିଲେ। ରାଜା ଦଶରଥ ପୁତ୍ରକୁ ଝୁରିଝୁରି ପାଞ୍ଚ ଦିନ ମଧରେ ଦେହ ତ୍ୟାଗ କଲେ। ତେଣୁ ପାତ୍ର ମନ୍ତ୍ରୀ ସମସ୍ତେ ମାମୁ ଘରେ ଥିବା ଭରତ ଶତ୍ରୁଘନଙ୍କୁ ଡକାଇ ରାଜା ହେବା ପାଇଁ ପରାମର୍ଶ ଦେଲେ। ହେଲେ ଭାତୃଭକ୍ତ ଭରତ ରାଜା ଓ ରାଜ୍ୟ ଶାସନକୁ ତୁଚ୍ଛ କରି ଭାଇଙ୍କୁ ଫେରାଇ ଆଣିବା ପାଇଁ ବନବାସୀ ବେସରେ ବନକୁ ଯାତ୍ରା କଲେ। କିନ୍ତୁ ପିତୃସତ୍ୟରେ ବ୍ୟାଘାତ ନ ଘଟାଇବା ପାଇଁ ନିଜର ଚରଣ ପାଦୁକା ଦେଇ ରାଜ୍ୟକୁ ପଠାଇଦେଲେ । ହେଲେ ଭରତ ରାଜ୍ୟକୁ ନ ଫେରି ନନ୍ଦି ଗ୍ରାମରେ ପାଦୁକା ପୂଜା କରିବା ଦୃଶ୍ୟ ଅଭିନୀତ ହୋଇଥିଲା। ବିଭିନ୍ନ ଭୂମିକାରେ ଦଶରଥ–ସନ୍ତୋଷ ମେହେର, ରାମ ବିରଞ୍ଚି ପତି, ଲକ୍ଷଣ – ଗିରିଶ ମେହେର, ସୀତା– ପିତାମ୍ବର ମେହେର, ଭରତ– ଜୟନ୍ତ, କୌଶଲ୍ୟା– ଲବ ପ୍ରମୁଖ କଳାକାରମାନଙ୍କ ଅଭିନୟରେ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ।